# CHIRANTANA

# ଚିରନ୍ତନ



ସଂଖ୍ୟା ୪୯, ନଭେମ୍ବର ୫, ୨୦୨୩









Jagannath Organization for Global Awareness (JOGA)
Issue No: 49, November 5, 2023
http://www.jogaworld.org

# Contents


| Article | Author | Page No |
|---|---|---|
| Bhagabat Gita | JOGA | 2 |
| ସମସ୍ୟା ଓ ସଂଯମ | Editorial | 3 |
| ଦେଖ କେଡେ ଶୋଭାବନ କଳା ବଦନ | ଶ୍ରୀମତୀ ଲୋକଜନନୀ ପଣ୍ଡା | 4 |
| ହୃଦକୁ କରିଛି ରତ୍ନ ସିଂହାସନ | ପ୍ରଫୁଲ୍ଲ କର | 4 |
| Upcoming Programs by JOGA | JOGA Report | 5 |
| Diwali, Chhapana Bhoga, Saraswati Puja 2024, Holi 2024 | | |
| Recently Completed Programs by JOGA | JOGA Report | 6 |
| Durga Puja in JTNA Temple | | 6 |
| Ganesh Puja – JTNA Temple | | 8 |
| Krishna Janmastami – JTNA Temple | | 9 |
| Bahuda Rathayatra at Hindu Temple | | 10 |
| Rathayatra at JTNA Temple | | 12 |
| Snana Yatra – JTNA Temple | | 15 |
| Holi | | 17 |
| Shibaratri – JTNA Temple | | 25 |
| Odia Poetry Reading | JOGA Report | 26 |
| Monthly Bhajan Programs | JOGA Report | 29 |
| Poems/Stories/Essays | | 34 |
| ରଥ ଯାତ୍ରା ୨୦୨୩ - ଯାତ୍ରା ଏକ ସ୍ୱପ୍ନର, ବାସ୍ତବିକତା ପର୍ଯ୍ୟନ୍ତ | ସ୍ୱାଗତିକା ମହାନ୍ତି | 34 |
| ସ୍ୱର୍ଗଦ୍ୱାର | ଶ୍ରୀ ପ୍ରତାପ ଚନ୍ଦ୍ର ଦାସ | 40 |
| Tume Anubhabara Thakura: Translation | Devaraj Sahu | 41 |
| My Dream Home | Prava Mayee Ray | 42 |
| ହେ ପ୍ରଭୁ ଜଗତ ଗୋସାଇଁ, ଗୋସାଇଁ | ବିଜ୍ଞାନୀ ଦାସ | 42 |
| କବି ଓ କବିତା | ପ୍ରଭାମୟୀ ରାୟ | 43 |
| Travelougue: | Shaunak Sahoo | 44 |
| Iceland | Shaunak Sahoo | 44 |
| Above the Arctic Circle | Shaunak Sahoo | 50 |
| JOGA 2022 Finance Report | Naresh Das | 59 |
| Sponsors of JOGA/JTNA Acivities in 2023 | JOGA JTNA | 60 |
| JOGA/JTNA Year Round Activity List | | 64 |
| Unmochana: | Poems of Poetry Reading Events | 66 |
| ପହିଲି ପରଶ | ମନୋଜ ପଣ୍ଡା | 69 |
| ପ୍ରତ୍ୟାବର୍ତ୍ତନ | ଶିଖଣ୍ଡ ଶତପଥୀ | 70 |
| ତୁମ ଅବତାର | ବବ୍ରୁ ସାମଲ | 71 |
| ଛୋଟଛୋଟ ଯେତେ ସବୁ | ବିଜ୍ଞାନୀ ଦାସ | 72 |
| ଅଦୃଶ୍ୟ | କଲ୍ୟାଣୀ ପାଢ଼ୀ | 73 |
| ରମଣୀ ରତନ ମେଘକୁ ଚାହିଁ | କବିସମ୍ରାଟ ଉପେନ୍ଦ୍ର ଭଞ୍ଜ<br>ପାଠିକା - ଅର୍ଣ୍ଣପୂର୍ଣ୍ଣା ବିଶ୍ୱାଳ | 74 |
| ଦେହସୁହା | ବିଜ୍ଞାନୀ ଦାସ | 75 |
| ଏଇ ଜୀବନେ | ଦେବାଶୀଷ ପଣ୍ଡା | 76 |
| Awe ଓ ଆଃ | ଶିଖଣ୍ଡ ଶତପଥୀ | 77 |

| | | |
|---|---|---|
| ଅଠର ବରଷ | ନୃସିଂହ ଚରଣ ବିଶ୍ୱାଳ | 78 |
| ଜଗନ୍ନାଥ : ଭକ୍ତିର ପରିକଳ୍ପନା | ନୃସିଂହ ଚରଣ ବିଶ୍ୱାଳ | 79 |
| ସ୍ୱାଭିମାନୀ ଓଡ଼ିଆ | ଆୟାନ ବିଶ୍ୱାଳ | 80 |
| **Far Far Away** | **Ayan Biswal** | 81 |
| ଅନ୍ଧକାରରୁ ଆଶାର ପ୍ରଦୀପ | ଆରତୀ ରାଣୀ ବିଶ୍ୱାଳ | 82 |
| କାଳିଯାଇରେ ସନ୍ଧ୍ୟା | ଉତ୍କଳମଣୀ ଗୋପବନ୍ଧୁ ଦାସ<br>ପାଠକ - ସୁଚିତ ରାୟ ଓ ପ୍ରଭା ରାୟ | 84 |
| ଆଗୋ ଦୂତୀ ଆଜ ରାତି ଶ୍ୟାମ ପ୍ରୀତି | ବନମାଳୀ<br>ପାଠିକା - ଅର୍ଣ୍ଣପୂର୍ଣ୍ଣା ବିଶ୍ୱାଳ | 85 |



**Bhajan Schedule: Third Saturday of every month***
Place:  JTNA Temple Facility, Cookesville, MD
6:00 –9:00 PM Bhajan, Philosophiccal Discussion, Arati, and Prasad
**Please check for announcements to confirm of any events in JTNA facility**

**Sunday Program: 11:00 AM – 1:00 PM; Cookesville, MD**

**Chirantana Info:**
Chirantana is the bi-annual newsletter of Jagannath Organization for Global Awareness (JOGA).

**Editor: Dr Bigyani Das**
Religious, philosophical, and educational articles are invited from the authors by September and April for winter and summer issues of Chirantana respectively. All submissions are subject to review.

## Bhagabat Gita: The Sacred Hindu Scripture

ଯୋଽନ୍ତଃସୁଖୋଽନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବ ଯଃ ।
ସ ଯୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି ।।୨୪।।

ଏହି ଶ୍ଲୋକଟି ଭଗବଦ୍ ଗୀତାର ପଞ୍ଚମ ଅଧ୍ୟାୟରେ ଚତୁର୍ବିଂଶଃ ପଂକ୍ତିରେ ବର୍ଣ୍ଣନା କରାଯାଇଛି । ଶ୍ରୀ ଭଗବାନ କହିଲେ, "ଯେଉଁ ମାନବ କେବଳ ପରମାତ୍ମାଙ୍କଠାରେ ସୁଖ ପାଏ, କେବଳ ପରମାତ୍ମାଙ୍କଠାରେ ରମଣ କରେ, ତଥା ଯେ କେବଳ ପରମାତ୍ମାଜ୍ଞାନଯୁକ୍ତ, ବ୍ରହ୍ମରେ ନିଜ ସ୍ଥିତି ଅନୁଭବ କରୁଥିବା (ବ୍ରହ୍ମସ୍ୱରୂପ ହୋଇଯାଇଥିବା) ସେହି ସାଂଖ୍ୟଯୋଗୀ ନିର୍ବାଣବ୍ରହ୍ମ ପ୍ରାପ୍ତ ହୁଏ ।"

yo 'ntaḥ-sukho 'ntar-ārāmas tathāntar-jyotir eva yaḥ
sa yogī brahma-nirvāṇaṁ brahma-bhūto 'dhigachchhati

Those who are happy within themselves, enjoying the delight of God within, and are illumined by the inner light, such yogis are united with the Lord and are liberated from material existence.

# ସମସ୍ୟା ଓ ସଂଯମ

ବିଜ୍ଞାନୀ ଦାସ

ଯେତେବେଳେ କୋଭିଡ୍ ମହାମାରୀ ଆସିଥିଲା, ସେତେବେଳେ, ଆମେ ସମସ୍ତେ ଆତୁର ହୋଇ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ, "ଏ କୋଭିଡ୍‌କୁ ଦୂର କର ପ୍ରଭୁ । ମଣିଷର ଜୀବନକୁ ସୁନ୍ଦର, ସରସ ଓ ସହଜ କର ।"

ଠାକୁର ଶୁଣିଲେ । କୋଭିଡ୍‌ର ଭୟାବହତା ହ୍ରାସ ପାଇଲା । ଜୀବନ ଚଳଚଞ୍ଚଳ ହେଲା । କିନ୍ତୁ ଯେଉଁ ସମୟରେ କୋଭିଡ୍ ମହାମାରୀ ବ୍ୟାପୁଥିଲା, ସେ ସମୟରେ ପ୍ରାଣ ବଞ୍ଚାଇବା ପାଇଁ ଆମମାନଙ୍କୁ ଅନେକ କିଛି ନିଜର ଇଚ୍ଛା ବିରୁଦ୍ଧରେ କରିବାକୁ ପଡିଥିଲା; ଯଥା, ଘରୁ ନ ବାହାରିବା, ବାହାରିଲେ ମୁଖାବରଣ ପିନ୍ଧିବା, ସଙ୍ଗରୋଧରେ ରହିବା ଓ ସଦା ପରିଷ୍କାର, ପରିଚ୍ଛନ୍ନ ରହିବା । ସେଇଟା ହେଲା ସଂଯମ । ଆମେମାନେ ମନକୁ ସଂଯମ କରି ନିଜର ଇଚ୍ଛାକୁ ଦମନ କରି, ଅନ୍ୟର ମଙ୍ଗଳ ଓ ନିଜର ମଙ୍ଗଳ ପାଇଁ ସବୁ ନୀତି, ନିୟମ ମାନୁଥିଲେ । ହେଲେ ସେ ଅଭିଜ୍ଞତାରୁ ମଣିଷ କଣ କିଛି ଶିଖିଲା ? କୋଭିଡ୍‌ର ପ୍ରକୋପ ହ୍ରାସ ହେବା ପରେ, ମଣିଷ ଆହୁରି ମତ୍ତ ହେଲା, ଉଦ୍ଦାମ ହେଲା, ଅନ୍ୟକୁ ବୁଝିବାକୁ ଟିକିଏ ମାତ୍ର ଚେଷ୍ଟା କଲାନି, କେବଳ ନିଜକୁ ପରିତୃପ୍ତ କରିବାକୁ ଚାହିଁଲା ।

ମଣିଷ ଅହଂକାରୀ ହେଲା । ସେ ଅହଂକାର ପାଇଁ ଅନ୍ୟର କ୍ଷତି କରିବାପାଇଁ ବି ପଛେଇଲାନି । ୟୁକ୍ରେନ୍ ଯୁଦ୍ଧ ଓ ଅକ୍ଟୋବର ୭, ୨୦୨୩ରେ ଇସ୍ରାଇଲରେ ଘଟିଥିବା ସେ ବିଭୀଷିକାର କରାଳ ଦୃଶ୍ୟ ଏ ସବୁର ଉଦାହରଣ । ମଣିଷ କଣ ଏତେ ବର୍ବର ହୋଇପାରେ ? ଭଗବାନ ତେବେ କିଛି କରନ୍ତିନି କାହିଁକି ? ସେ ମଣିଷମାନଙ୍କୁ ଶିକ୍ଷା ଦେବା ପାଇଁ କିଛି ତ କରିପାରନ୍ତେ ? ଘଟଣା ଘଟାଇପାରନ୍ତେ ? ନା, ସେମାନଙ୍କର କିଛି ହୁଏନି । କେବଳ ଭୋଗେ ନିରୀହ ଜନତା ।

ସିଏ ତ ଗଲା ଦେଶ, ଦେଶ ଭିତରର କଥା । ଏଇ ଦେଖ ତ ଆମ ସମାଜ କଣ ହେଲାଣି । ଓଡିଶାର ପୂଜା ପାର୍ବଣରେ ଏବେ ଠାକୁର କେବଳ ନାମକୁ ମାତ୍ର; ଉପଭୋଗ ହିଁ ପ୍ରଧାନ ଉତ୍ସାହ; ସୁରାପାନର ପାର୍ଟି, ଉଦ୍ଦାମ ନୃତ୍ୟର ଆସର ଓ ଫେସ୍‌ବୁକ୍, ୟୁ-ଟିଉବରେ ନିଜକୁ ପ୍ରଚାର କରାଇବାର ତୀବ୍ର ପ୍ରତିଯୋଗୀତା । ସେ ଭିତରେ ସାଧାରଣ ଲୋକଙ୍କୁ ଚାନ୍ଦା ଦେବା ପାଇଁ ଧମକ ଦିଆଯାଏ, ଚାନ୍ଦା ଆଦାୟ ପାଇଁ ରାସ୍ତାଘାଟ ବନ୍ଦ କରାଯାଏ, ଗୁଣ୍ଡା ମାନଙ୍କୁ ବ୍ୟବହାର କରାଯାଏ ଓ ସାହିସାହି ମଧ୍ୟରେ କଳହ ଆରମ୍ଭ ହୁଏ ।

ପୂଜା ମଣ୍ଡପର ସେ ସୁସଜ୍ଜିତ ତୋରଣ ଭିତରେ ଛପି ରହିଥାଏ କାହାର ଆର୍ତ୍ତନାଦ, କାହାର ବ୍ୟଥା । କିଏ ଶୁଣେ, କିଏ ଶୁଣିପାରେନା । ତେବେ ହଁ, ନିଜକୁ ଖୁସି ଦେବା, ନିଜ ମନକୁ ଖୁସି କରିବା ସମସ୍ତ ମଣିଷମାନଙ୍କର ମୌଳିକ ଅଧିକାର । ତେବେ ସେ ଅଧିକାର ପାଇଁ ଆଉ କାହାର ଅଧିକାର ଉପରେ ହସ୍ତକ୍ଷେପ କରିବା କେତେଦୂର ଯୁକ୍ତିଯୁକ୍ତ ? ଆଉ ଅନ୍ୟକୁ କଷ୍ଟ ଦେବା କେତେଟା ସମିଚୀନ ?

ଏସବୁ ବୁଝିବା ଏତେ ସହଜ ନୁହେଁ । ଏସବୁ ବୁଝେଇବା ଏତେ ସହଜ ନୁହେଁ । ମନରେ ନାନା ପ୍ରଶ୍ନ ଆସେ । ସେ ପ୍ରଶ୍ନ ପୁଣି ଲୁପ୍ତ ହୋଇଯାଏ । ଏ ସବୁ ସମସ୍ୟା ହିଁ ଈଶ୍ୱରଙ୍କ ସୃଷ୍ଟି । ତାର ସମାଧାନ ହିଁ ଈଶ୍ୱର ସ୍ଥିର କରିଛନ୍ତି । ଆମେ କେବଳ ନିମିତ୍ତ ମାତ୍ର ହୋଇ ବି ସବୁ କରନ୍ତି ଓ କରାନ୍ତି ବୋଲି ଭାବିନିଅନ୍ତି । ବାସ୍, ସେତିକି ଯଦି ମୌଳିକ ଭାବେ ଆମେ ଗ୍ରହଣ କରିନେବା ଯେ ସମସ୍ୟା ହିଁ ଜୀବନ, ସମସ୍ୟାର ସମ୍ମୁଖୀନ ହେବା ହିଁ ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ, ତେବେ ସମସ୍ୟା ପାଇଁ ଆଉ ଦୁଃଖ ରହିବନାହିଁ । ବରଂ ସେ ସମସ୍ୟାକୁ କେମିତି ସମାଧାନ କରିପାରିବା, ସେ ଚିନ୍ତା ମନକୁ ଘାରିବ । ଆଉ ଈଶ୍ୱର ଯେ ସେ ସମାଧାନରେ ଆମର ପକ୍ଷ ନେବେ, ସେ ବିଶ୍ୱାସ ମଧ୍ୟ ମନରେ ରହିବ ।

ଜଗନ୍ନାଥ ମନ୍ଦିରଟି ଗଢିବା ପାଇଁ ନାନା ସମସ୍ୟା ଦେଇ ଗତି କରିବାକୁ ପଡୁଛି । କିଛି ସମସ୍ୟା ଭାଗ୍ୟର ବିଡମ୍ବନା ପାଇଁ ସୃଷ୍ଟି ହେଉଛି, କିଛି ସମସ୍ୟା ଆମର ଅଜ୍ଞାନତା ବଶତଃ ସୃଷ୍ଟି ହୋଇଛି ଓ କିଛି ସମସ୍ୟା ଆମ ମାନଙ୍କର ଅତ୍ୟଧିକ ଉତ୍ସାହ ପାଇଁ ବି ସୃଷ୍ଟି ହୋଇଛି । ସେ ଭିତରୁ କିଛି ସମସ୍ୟାକୁ ଆମେ ବୁଝିପାରିଛୁ ବୋଲି ଭାବୁଛୁ ଓ ଅନ୍ୟ କିଛି ସମସ୍ୟାକୁ ବୁଝି ବି ପାରୁନୁ । "ଏମିତି କାହିଁକି ହେଲା ? ସେମିତି କାହିଁକି ହେଲାନି ?" ଅନେକ ପ୍ରଶ୍ନ ପ୍ରତିଦିନ ମନକୁ ଆସୁଛି । କିନ୍ତୁ ବିଶେଷ କଥା ହେଲା ଯେ, କୌଣସି ସମସ୍ୟା ଆସିଲେ, ସେଥିରେ ମଣିଷର ମନ ସାଧାରଣତଃ ବିଚଳିତ ହୋଇଯାଏ । ସେଇ ସ୍ଥିତିରେ ଭଲମନ୍ଦ ବିଚାର ଶକ୍ତି ମଧ୍ୟ ହ୍ରାସ ହୁଏ, ମନରେ କ୍ରୋଧ

ଆସେ, ପ୍ରଶ୍ନ ଆସେ, ନିଜର ସ୍ୱପ୍ନ ଉପରେ, ଲକ୍ଷ୍ୟ ଉପରେ ସନ୍ଦେହ ଆସେ, ଯାହା କି ସ୍ଥିତିକୁ ଆହୁରି ବିଗାଡିଦିଏ । ହେଲେ ଯେ କୌଣସି ସମସ୍ୟା ଆସିଲେ ଆମେ ଯଦି ସଂଯମ ରକ୍ଷା କରି ନିଜର ବିଚଳିତ ଭାବକୁ ନିୟନ୍ତ୍ରଣରେ ରଖିପାରିବା, ତାହେଲେ ସମସ୍ୟାର ସମାଧାନ ପାଇଁ ଆମେ ଏକ ଉତ୍ତମ ନିଷ୍ପତ୍ତିରେ ପହଞ୍ଚିପାରିବା । ତେବେ, ଯାହା ହେବାର ଥିବ, କେଉଁ ବାଟ ଦେଇ, କେମିତି ଭାବେ ହୋଇଯିବ, ସେସବୁ ଆମେ ବୁଝିପାରିବାନି । ଆଉ ଯାହା ନ ହେବାର ଥିବ, ଯେତେ ଚେଷ୍ଟା କଲେ ବି ସେଥିରେ ସଫଳତା ମିଳିବନି । ତେଣୁ କିଛି ହେଉ କି ନ ହେଉ, ସ୍ୱପ୍ନ ଦେଖିବା ଓ କାମ କରିବା ହିଁ ମଣିଷ ଜୀବନର ପ୍ରବାହ, ଏକ ଚିର ସତ୍ୟ । ତେଣୁ ଆସନ୍ତୁ ଗ୍ରହଣ କରିନେବା, "ସମସ୍ୟା କେବେ ସରିବନି" । ତାହେଲେ ସମସ୍ୟା କଥା ଭାବି ଆଉ ବିଚଳିତ ହେବା ନାହିଁ, ବରଂ ସଂଯମ ରକ୍ଷା କରିବା । ସମସ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା, ସିଏ ସମସ୍ତଙ୍କ ମନରେ ଜ୍ଞାନ ଦୀପ ଜଳେଇଦିଅନ୍ତୁ; ନିଜକୁ, ଅନ୍ୟକୁ, ପରିସ୍ଥିତିକୁ ବୁଝିବାରେ ଓ ବୁଝାଇବାରେ ଆମେ ସମସ୍ତେ ସକ୍ଷମ ହେଉ । ଆମକୁ ସିଏ ସଫଳତାର ଦିଗରେ ପରିଚାଳିତ କରାନ୍ତୁ ।

## ଭଜନ



ଦେଖ କେଡେ ଶୋଭାବନ କଳା ବଦନ
ଶ୍ରୀମତୀ ଲୋକଜନନୀ ପଣ୍ଡା

ଦେଖ କେଡେ ଶୋଭାବନ କଳା ବଦନ
କଳା ବଦନରେ ଦୁଇ ଚକାନୟନ
ଚକା ନୟନେ ଦିଶୁଛି ତିନି ଭୁବନ ।ପଦ।

ମୁଖ କମଳକୁ ଆଖି କଳା ଭ୍ରମର
କଳା ଭ୍ରମର ଚୁମ୍ବଇ ରଙ୍ଗା ଅଧର
ରଙ୍ଗ ଅଧରୁ ଝରଇ ହସ ମଧୁର
କପାଳରେ ଟୋପିଟୋପି ବାସ ଚନ୍ଦନ ।୧।

କଟୀରେ ମଣିମେଖଳା ପାଦେ ନୁପୂର
ଗଳାରେ କରିକି କେରି ଦୟଣା ମାଳ ।
ହାତରେ ମୋହନ ବେଣୁ କାନେ କୁଣ୍ଡଳ
କଟୀତଟେ ଶୋହେ ଝୀନ ପୀତ ବସନ ।୨।

ହୃଦକୁ କରିଛି ରତ୍ନ ସିଂହାସନ
ପ୍ରଫୁଲ୍ଲ କର

ହୃଦକୁ କରିଛି ରତ୍ନ ସିଂହାସନ
ମନ ମୋର ନୀଳାଚଳ
ବିଜେ କର ନାଥ ଆହେ ଜଗନ୍ନାଥ,
ଧନ୍ୟ ହେଉ ଜନ୍ମ ମୋର ।ପଦ।

ଛାତିକୁ କରିଛି ବାଇଶି ପାହାଚ,
ନୟନ ମୋ ସିଂହଦ୍ୱାର
ରସନା ମୋହର ଆନନ୍ଦ ବଜାର,
ହସ ମୋର ଫୁଲହାର
ପ୍ରାଣକୁ କରିଛି ତୁମ ନଇବିଦ୍ୟ,
ଅଶ୍ରୁ ମୋର ପୂଜା ଜଳ ।୧।

ମୋ ରକତ ବିନ୍ଦୁ ବଡ ଦାଣ୍ଡରେଣୁ,
ମଥା ମୋର ସ୍ୱର୍ଗଦ୍ୱାର
ବାର ମାସେ ତେର ଯାତ ହେଉଥିବ,
ଏଇ ମାଟି ଦେହେ ମୋର
ଏ ଜୀବ ଛାଡିବ ତୁମେ ବସିଥିବ,
ହୃଦୟ ବେଦୀରେ ମୋର ।୨।

# Upcoming Programs by JOGA

### Dipabali 2023, November 12, 2023

Dipabali (Diwali) will be observed/celebrated on Sunday, November 12, 2023 at JTNA facility. Stay tuned for more information through email and WhatsApp group messages.

### Chhapana Bhoga Offering, Mahamantra Chanting and Kartika Purnami at JTNA Temple, November 26

This year mahamantra chanting, chhapana-bhoga and Kartika Purnami rituals will be held at JTNA temple on Sunday, November 26, 2-7 PM.

### Chhapana Bhoga Offering and Mahamantra Chanting at Hindu Temple, December 17, 2023

This year mahamantra chanting and chhapana-bhoga offering will be held at Hindu Temple on Sunday, December 17, 2023.

### Holi 2024

Holi will be celebrated on Sunday, March 24, 2024 at JTNA and Holi cultural event will take place on Saturday, March 30, 2024 (PlaceTBD).

Holi Melana will be on Sunday, March 24, 2023 at JTNA Temple. Actual Dola Purnima is on March 25 (Monday).

### Pana Sankranti and Poetry Reading 2024

Pana Sankranti and Poetry Reading will be celebrated on Saturday, April 13 (PlaceTBD).

### Sunday Services at JTNA Temple

Puja and prayer services will continue at JTNA Temple every Sunday from 11:00 AM – 1:00 PM. Detail information on online link and on-site activity is announced and shared through the JOGA mailing list and WhatsApp group.

### Special Puja and Rituals at JTNA Temple

Special puja and rituals at JTNA Temple will be communicated through JOGA mailing list and WhatsApp group.

# Temple News

**Welcome Priest Pandit Hare Krishna Bharadwaj:** We are pleased to inform you that Pandit Hare Krishna Bharadwaj joined our temple as full-time priest starting from this Sunday (Oct. 29th). He performed Laxmi Puja. Many devotees attended the Sunday event and welcomed Panditji.

**Temple Kitchen is remodelled:** To make mahaprasad with purity and sanctify manners, the temple kitchen remodeling work in a separate room is complete and now used for prasad preparation.

# Reports on Recently Completed JOGA Events

## Durga Puja at JTNA Temple (October 21-22, and 24, 2023)

Durga puja was celebrated in JTNA Temple on October 21(maha Saptami) and 22 (maha astami), 2023. By coincidence the two dates were during the weekend. Many devotees atteneded the event. Also, by coincidence the 3rd Saturday bhajan program was also on October 21st and thus on October 21st it was a whole day program.

On October 24th, Tuesday evening, the rituals of puja, Ravana podi and Sindura Khela took place. Devotees attened the event with a lot of cheer with various types of Odia cakes.

The program on October 21st and 22nd included:

Oct 21st - 11:00 AM- Kalasha, saptami puja and havan by priest Manubhai Acharya
Evening bhajan - 6-8 PM

October 22nd:
Sunday bhajan program lead singer Harsh Kimchi and group, and Asthami puja - 11:00 AM-1:00 PM; Chandi patha by Manoj Panda 5-7 PM followed by Arati

Some pictures of Saptami Puja









Pictures of Astami Puja







**Dashahara – Sindura Khela Pictures**

On October 24th, several families joined in the evening to celebrate Dashahara rituals with burning of Ravana and sidura khela. The families enjoyed a lot with some Odia festive delicacies such as Manda and Kakara pitha with other prasada items.





## Ganesh Puja on September 19, 2023

Ganesh Puja was celebrated at JTNA temple on Tuesday, September 19th, 2023 both during noon and in the evening. Irrespective of the weekday, a number of devotees joined the event in the evening.



## Janmastami Celebration on September 6, 2023



Krishna Janmastami was celebrated at JTNA temple on Wednesday, September 6th, 2023 in the evening. Irrespective of the weekday, a number of devotees joined the event. There was puja, prayer, bathing of Lord Krishna as well as bhajan and Arati.

The children and the parents participated in a cultural presentation. Puja was performed by Manubhai Acharya.







## Bahuda Rathayatra at Hindu Temple (July 2, 2023)

Bahuda yatra at Hindu temple was held on Sunday, July 2, 2023, at 5:00 PM. Ratha puja was performed by the temple priests. Many Odia families as well as Hindu Temple devotees participated in chariot pulling and participating in kirtan activities. Even though it rained just around

4:00 PM when the chariot was being decorated, the rain then disappeared and we had a very pleasant chariot pulling activity with tolerable temperature.

After the Ratha Puja, the chariot pulling started around 5:30 PM. Devotees were in full mood of enjoyment with Kirtan, dancing and chariot pulling. After the chariot pulling the deities returned to their Asana. Bhajan and Arati continued in the praise of the deities. Rasagola was offered by Lord Jagannath to please Goddess Laxmi and the ritual was enjoyed by all.









## Rathayatra (Chariot Festival) on June 20 and June 24, 2023 (At JTNA Temple)

This year actual rathayatra was on Thursday, June 20 and hence a few devotees joined to have the chariot pulling on June 20 in small scale. Many devotees joined the event.






Actual event of Ratha Yatra, the chariot festival of the deities took place on Saturday, June 24, 2023 at Jagannath Temple of North America at 2028 Millers Mill Rd, Cooksville, Maryland.

This year people were very much fired up for a grand scale chariot festival. The committees were created 2-3 months ahead of time to handle various aspects of the festival including decoration, food, fundraising, logistics and puja activities. All the teams executed the planning very well and that showed up in the final festivity on June 24. Many volunteers worked hard to create Odisha artworks in this country to decorate the chariot and the chariot looked

magnificent. Volunteers planned the food preparation and distribution so eloquently that everything was flawless. Even though there was rain in the forecast and of course it affected the decoration and other preparations the day before as well as the morning preprations on June 24th itself, the volunteered handled it with a lot of dedication.

About 300 devotees attended the event and participated in the chariot pulling activities. There was bhajan program that continued until 5 PM.













## [Snana Jatra on June 4, 2023 (At JTNA Temple)]

Snana Purnima was observed on June 4, Sunday.

We thank following sponsors for snana jatra celebration.
1. Gyana and Sujata Bohidar, VA
2. Jhinu and Santanu Chottray, VA
3. Prafulla and Sangeeta Nayak, VA







## Holi Cultural at Hindu Temple Auditorium on March 11, 2023

Thank you all for attending and participating in JOGA's 25th Holi celebration. After 3 years gap due to Covid-19 scare we all gathered in person to observe and experience the spectacular performances by the DC area children and the adults. All these were possible by your presence, hard work, willingness and support for JOGA activities in all these years.

Our first Holi was celebrated at Shiva Visnu Temple auditorium in 1999. We were happy to see some of the friends that were present during 1999 Holi celebration. Special thanks to Suman Ojha, the child performer in 1999 drama production Kanchi Bijaya for being present to celebrate this milestone moment. Some other friends have moved to other states and we have missed two strong supporters, Dr Prafulla Mishra and Dr Indu Mishra who were very actively involved during those days, when there were not even CDs; personal cell phones, MP3 and YouTube videos could not be imagined. Songs were recorded by listening to tape recorder and creating duplicate recording from there. Cutting, pasting, manipulating music was not that easy. We continued and evolved with time, and that is why we could observe the talents that were showcased on March 11th, professional level singing and dancing by the children as well as adult groups.

Many good things happened during this Holi.

- All the cultural coordinators were present by 3:45 PM.
- Many other performers, participants and people were present by 3:45 PM.
- Snacks were served on time.
- Program started at 4:15. (We can improve on this next time. It should have been exactly started at 4 PM)
- Program continued fine on time.
- Many people attended.
- Registration desk was staffed and flyers as well as JOGASUTRA were distributed.
- All the cultural items were well prepared and presented well.
- All the participants adapted to a few flexibilities that had to be incorporated to the schedule.

**Thanks to Eva Mohapatra, Debanjan Chowdhry and Amogh Katiki** for helping in registration.

There are several areas that we have to improve. However, for the time being let us celebrate all the good things that happened. After Covid-19 experience, we all have understood what is important in life and what can be let go.

We will take care of the areas of improvement for next year's Holi cultural event.




**Sound Management**
**Thanks to *Shivashish Hota*** for his patience in managing the sound system for so long. Without sound system management, the program cannot be imagined. Thanks to all the supporters, Manoj Mishra, Prakash Sahu, and Naresh Das.

**Decoration**
If you entered the auditorium and saw the beautiful decoration, that was due to Sagarika Pattnaik and Sikha Sen. Jagannath decoration was done by Ila Ojha supported by Anjana Chowdhury. Thanks to Arun Ojha and Radha Krishna Pattnaik for driving the volunteers in Friday night.

**Food**
We cannot thank enough to the husband-wife team ***Swagatika Mohanty and Srinivas Sahu*** for managing food distribution so well, having patience to deal with so many variables and adapting to the large crowd environment.

We also thank Mahashakti Kitchen and the temple management, Manager Harbans Sharmaji and the staff for the food preparation and distribution.

**Pala**
We have found new talents, Krushna Debata, Sudipta Udgata and Nrusingha Biswal who presented Pala with Naresh Das in Mrudanga. It was after many years and also the way they presented Pala within 5-6 minutes was really appreciable. I had seen Pala continuing 40 minutes or more. However, this was a

very intelligent way of presenting Pala with a great message about Lord Jagannath and within short duration.

**Odissi**

We had 7 Odissi dance presentations. All the Odissi presentations were professional. I thank Divya Das for continuing her spirit of presenting Odissi during Holi.

***6. Odissi Stayee:*** *Swetapadma Panigrahi, Hansini Panda*
***8. Odissi Basant Pallabi:*** *Ahana Samantray, Simran Sarangi*
***10.Odissi Basant Pallabi:*** *Mahua Ghosh, Rishana Majumdar*
***12. Odissi (Shiva Tandaba):*** *Ronica Das and Rabhya Das*
***13. Odissi (Shankarabharanam Pallabi):*** *Sulagna Dash*
***17. Odissi Shiva Panchaka:*** *Ritisha and Advika Dixit*




***18. Odissi Abhinaya (Mallimala Shyamaku Debi):*** *Divya Das*

Thank you, all the performers for showcasing your professionalism as well as lasya in your presentations. God bless you all. Keep your spirit high for this unique dance form from our mother state Odisha.

**Songs and Music**

The songs and music presented by the children and adults were of very high quality:
***1.Bhajan: Gitagovinda (Rati Sukha Sare) & Holi Song (Marana Marana Ranga)***

***Participants:*** *Krushna Debata (Harmonium), Naresh Das (Tabla), Sudipta Udgata (Jhanja), Rakhi Panda, Deepa Parija (Das), Maushumi Pattanaik, Bigyani Das*
***2. Singing -*** *Champu: Radha Rani Sange: Ayan Biswal*
***3. Singing -*** *Holi Hindustani Bhajans, Aisi Hori Na Khelao Kanheya (Teentaal) and Yashoda Ke Laal Khele Holi (Taal Keherwa): Subham Dash*




***4. Singing:*** *Krishna Bhajan: Sohum Mishra Sen and Sreyam Mishra Sen*
***5. Singing-*** *Tume Ananta, Tume Aseema: Maneesha Dash*
***14. Singing (Holi Song):*** *Radharani Sange Nache Murali Pani **-** Aradhya Pradhan*
***15. Singing (Na Ja Radhika & Bhasa Megha):*** *Sauman Das, Spandan Das*
***16. Singing (Bollywood Mix):*** *Ritwik Hota and Raunak Hota*

It feels so good to think that Spandan Das and Amrita Sahu came from their Universities to be present during Holi. Very nice to see how the children have developed affection for the community.

**Dynamic Dance Numbers**

And of-course the dynamic dance numbers
***7. Dance- Blazing Stars –*** *Ayan Biswal, Aayush Panda, Aditya Krushna Debata, Akshaj Pal, Devansh Jena, Rayansh Samanta, Sobhit Rath*
***9. Dance – Hasde Nachde –*** *Spriha Mohanty, Ishan Prasad Mohanty, Ayan Katiki, Avant Nayak, Neva Nayak, Ashvik Mahapatra, Shreyam Mishra Sen, Sana Agawal, Sanav Agarwal, Advika Jena, Ankit Das, Geetisha Pratihari (Choreography: Veena Gupta)*



***22. Dance -** Semi Classical Kahna Manena (Shreya Khetan)*
***23. Dance by Moms:** Nirlipa, Annie, Litil, Bipsha, Devina*
***24. Dance Oly-Booly-Holi:** Veena, Mukesh, Zini, Gautam, Pragyan, Satish, Mini, Mihir (Choreographer: Veena Gupta)*
***25. Ranga Rahile Hela:** Saroj Behera, Abhisek Jena, Suvendu Mohanty, Tirupathy*

**Drama**
Then the drama
***19. Drama: Mayabara Mohana Baba - Participants:** Nrusingha Mishra, Anjana Chowdhury, Debanjan Chowdhury, Pipi Das*

The story was based on the emerging situations in Odisha where the Baba and Mata operate with two different types of activities, doing Prabachan and spreading dharma and then exploiting people to earn money in creating schemes.

Performed by the above seasoned artists very well.

**The Choreographers**
Thanks to all the choreographers, organizers and parents for teaching, organizing and supporting children as well as adult activities. Thanks to Veena Gupta for choreographing two group dances, one for adults and one for the children.

Thanks to Nistha Patra and Dibyasha Sahu for involving and training their husbands to perform this time becoming directors instead of performers.

The blazing star dance was choreographed and organized by Sthiti Samanta and Rakhi Panda.

**Awards:**

JOGA presented awards to the previous cultural coordinators
Maushumi Pattanayak
Deepa Das
Sikha Sen
Nirlipta Daschoudhury

For supporting JOGA cultural activities for many years, including the Covid-19 period through zoom. Thank you, Anu Apa (Annapurna Biswal) and Binod Babu (Binod Nayak) for presenting the awards. JOGA presented appreciation awards to Dr Nrusingha Mishra and Dr Shashadhar Mohapatra for their continuous support through good days, bad days, snowy days, rainy days and bloomy days.

**Footprints:**

There are our seniors whose presence provide us encouragement. We have learnt many things from them, sometimes directly and sometimes indirectly. Thank you, Annapurna Apa, Asha Apa, Anu Apa, Binod Babu and Bandita Apa for your presence during 25th Holi celebration.

**Cultural Coordinators:**

Thanks to our able cultural coordinators, **Anjana Chowdhury, Snigdha Hota, Manaswini Sahu and Pipi Das** for communicating with the performers, organizing the sequence, collecting music and of course managing the stage, distributing awards and certificates and coordinating with small flexibilities.

Some entries and Music came at the last moment and it was a panic situation during working days to coordinate all these things. Thank you, cultural coordinators for managing the extra responsibilities. All is well that ends well.

**JOGASUTRA:**

You all should have received JOGA 5-yearly souvenir JOGASUTRA Volume V. Thanks to the editorial team Sikhanda Satapathy, Brahmapriya Sen and Bigyani Das. Many write-ups were received at the last moment. Some could not be reviewed properly and some could not be included in the print version due to the time requirements by the press. However, the Amazon version is available with some improvements and we will improve the next Amazon version. If you have any comments, suggestions for improvement, please pass on to the editors.

Current Amazon version is at:
https://www.amazon.com/dp/B0BXN1TM43?ref_=pe_3052080_397514860

Current Amazon version is not complete, but fine as regards a reference document. We will be including updates soon. Thanks to Amazon, because it allows living documents to which updates are possible.

## Holi Melana at JTNA Temple on March 5, 2023

The 25th Holi melana was organized on March 5th at JTNA temple starting from 3:00 PM. Dola Purnima and Holi Melana (Authentic Odisha style) started at 3:00 PM followed by Bhajan Mahostava, Cultural programs and Mahaprasad.












## Shibaratri at JTNA Temple: February 18, 2023

The Shibaratri event was celebrated at the temple on Saturday, February 18, 2023. It was a holiday and by concidence the 3rd Saturday bhajan program also was on this day. So many devotees participated.






## Odia Poetry Reading

## Winter Poetry Reading: February 4, 2023

The first in-person poetry reading event took place on February 4, 2023 at the residence of Tina and Sikhanda Satapathy. The event was attended by many poetry lovers and was enjoyed by all. People met in-person after a break of almost 3 years and thus attendees enjoyed time together.







Following participants read poems during the event. Most of them read their original poems and a few read poems by eminent poets of Odisha.

| |
|---|
| Arati and Nrusingha Biswal |
| Devraj Sahu |
| Shashadhar Mohapatra |
| Manoj Panda |
| Bigyani Das |
| Ayan Biswal |

| |
|---|
| Sikhanda Satapathy |
| Binod Nayak |
| Tina Satapathy |
| Anu Biswal |
| Bimal Mishra |
| Snigdha Hota |

## Fall Poetry Reading: September 24, 2023

The fall in-person poetry reading event took place on September 24, 2023 at the residence of Bigyani and Naresh Das. Sikhanda Satapathy emceed the event. The event was attended by some old and a few new poetry enthusiasts and was enjoyed by all.




## Readers:

| |
|---|
| Ayan Biswal |

| |
|---|
| Debashish Panda |
| Nrusingha and Arati Biswal |
| Babru Samal |
| Bigyani Das |
| Devraj Sahu |
| Manoj Panda |
| Nrusingha Biswal |
| Kalyani Padhy |
| Anu Biswal |
| Sikhanda Satapathy |
| Suchit and Prava Ray |

# Monthly Bhajan Programs

| Month | Date | Sponsors |
|---|---|---|
| January | 21 | JOGA |
| February | 18 - Shibaratri | JOGA/Donors |
| March | NA - Holi | NA |
| April | 22 | Maushumi and Sandeep Pattanayak |
| May | 20 | JOGA |
| June | NA - Snana Jatra/Ratha Jatra | JOGA |
| July | 15 | Naresh and Bigyani Das |
| August | 19 | JOGA |
| September | 16 | Manoj and Snigdha Mishra |
| October | 21 | Supravat and Pinky Rath<br>Shashadhar and Sujata Mohapatra |

Monthly bhajan programs continued every month except March (for Holi) and July (for Rathajatra).

Our monthly JOGA bhajan program started on August 9, 1997, and has been held continuously since then on the third Saturday of every month with a few exceptions as well as changes during COVID.

On February 18, it coincided with Shivaratri. Devotees sang bhajans in praise of Lord Shiva.

April 22nd bhajan program, Dr Shashadhar Mohapatra spoke on "ABC of temple building" and shared his experience of temple building in his home city of Narigan in Jajpur district.

On August 19th, 2023 we celebrated the 26th anniversary of the Bhajan program.
It was well attended and devotees joined on mahamantra chanting and singing bhajans. Our young devotee Shaunak Sahoo shared his presentation on technology and spirituality. He received a trophy as a token of appreciation.

On October 21st, it coincided with the Durga Saptami Puja. Many people sang Devi bhajans.








EXIT


DONATION BOX




EXIT










EXIT

# Poems/Stories/Essays

## ରଥ ଯାତ୍ରା ୨୦୨୩ - ଯାତ୍ରା ଏକ ସ୍ୱପ୍ନର, ବାସ୍ତବିକତା ପର୍ଯ୍ୟନ୍ତ

**ସ୍ୱାଗତିକା ମହାନ୍ତି**

ଏପ୍ରିଲ ମାସ ଆରମ୍ଭରେ ଗୋଟେ ଦିନ ଆମ ଓଡ଼ିଆ ଜଗନ୍ନାଥ ମନ୍ଦିରରେ ନରେଶ ଭାଇ ଡାକି କହିଲେ "ସ୍ୱାଗତିକା ଏ ବର୍ଷ ରଥ ଡେକୋରେସନ ପାଇଁ ଗୋଟେ WhatsApp ଗ୍ରୁପ (Group) କରି ଗୋଟେ ମିଟିଙ୍ଗ୍ ସେଟ କର । ରଥ ଡେକୋରେସନ କାମ ଏବେଠୁ ଆରମ୍ଭ ନ କଲେ ରଥ ନିର୍ଦ୍ଧାରିତ ସମୟରେ ପ୍ରସ୍ତୁତ ହେଇ ପାରିବନି ।

ମୋ ଭଳି ନୂଆ ସଦସ୍ୟ ପାଇଁ ଏଇଟା ଥିଲା ସେ ପ୍ରଥମ ପାହାଚ, ଗୋଟେ ସୁନ୍ଦର ରଥ ନିର୍ମାଣର ଅଭିଯାନରେ ।

ସେତେବେଳେ ମୁଁ JTNA (Jagannatha Temple of North America) ଗ୍ରୁପ ରେ ମାତ୍ର ୬ ମାସର ସଦସ୍ୟ ହେଇଥାଏ । ମୋର ପୂର୍ବ ବର୍ଷ ରଥ ଡେକୋରେସନ (Decoration) ଆର୍ଟିଷ୍ଟ ମାନଙ୍କ ବିଷୟରେ କିମ୍ବା ପୁରୁଣା ରଥ ବିଷୟରେ ବେଶି କିଛି ଧାରଣା ନ ଥିଲା ସେତେବେଳେ । ଖାଲି ମନ୍ଦିର ପ୍ରାଙ୍ଗଣରେ ରଖା ହୋଇଥିବା ରଥର ବେସ ଫ୍ରେମ ଉପରେ ନଜର ପଡିଥିଲା ଗୋଟେ ଦୁଇ ଥର । ତାକୁ ନଜରରେ ରଖି ଗୋଟେ ସୁନ୍ଦର ରଥର ପରିକଳ୍ପନା କରିଥିଲି ।

ସେଦିନ ରାତିରେ ନିଦ ହେଲାନି । କେମିତି ଗ୍ରୁପ ତିଆରି ହେବ? କଣ ସମସ୍ତେ ସେତିକି ଉତ୍ସାହ ସହିତ ଯୋଗଦେବେ? ଲୋକଙ୍କର ରଥଠୁ ଏକ୍ସପେସଟସନ (Expectation) କଣ? କେତେ ବଡ ରଥ ହେବ? ମ୍ୟାଟେରିଏଲସ କୋଉଠୁ ଆସିବ? କପଡା କେମିତି ସିଲେଇ (Stitch) ହେବ? ଏମିତି ସବୁ କେତେ କଥା ମନରେ ଘୁରି ବୁଲୁଥାଏ । ଏ ସବୁ ଭିତରେ କିନ୍ତୁ ଗୋଟେ ଦୃଢ଼ତା ଥିଲା ଯେ ଏ ବର୍ଷ ପ୍ରଭୁ ଜଗନ୍ନାଥଙ୍କ ପାଇଁ ଗୋଟେ ଭବ୍ୟ ରଥ ତିଆରି ହେବ ।

**ଅକ୍ଷୟ ତୃତୀୟା ୨୦୨୩:**

ଅକ୍ଷୟ ତୃତୀୟା ଦିନ ମନ୍ଦିରରେ ରଥ ପ୍ରତିଷ୍ଠା ପୂଜାରେ ନରେଶ ଭାଇ ଅଚାନକ ମୋତେ ଆଉ ଶ୍ରୀନିବାସଙ୍କୁ ମୁଖ୍ୟ ବଢ଼େଇ ବୋଲି କହି ପୂଜା ଆରମ୍ଭ କଲେ । ସେ ଦିନରୁ ମନରେ ଗୋଟେ ଅଲଗା ପ୍ରକାରର ଭାବନା ଆସିଗଲା ରଥ ନିର୍ମାଣ ପାଇଁ । ମନେ ମନେ ପ୍ରତିଶ୍ରୁତି ଦେଲି, ରଥ ନିର୍ମାଣ ପାଇଁ ମୁଁ ମୋର ୧୦୦% ଯୋଗଦାନ ଦେବି ।

JTNA ଗ୍ରୁପର ଡେକୋରେସନ/ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରତି ଆଗ୍ରହ ଥିବା କର୍ମୀ ମାନଙ୍କୁ ନେଇ ଡେକୋରେସନ ଟିମ ଗଠନ କରାଗଲା । ବୁଧବାର ରାତି ୯ଟାରେ ପ୍ରଥମ ମିଟିଙ୍ଗ୍ ସେଟ ହେଲା । ପ୍ରଥମ ଟିମ ମିଟିଙ୍ଗ୍‌ରେ ପ୍ରାୟତଃ ସମସ୍ତେ ଯୋଗଦେଲେ । ରଥର ଗୋଟେ ରଫ ଚିତ୍ର ଉପସ୍ଥାପନା କରି ଆଲୋଚନା ଆରମ୍ଭ ହେଲା । ପୂର୍ବ ବର୍ଷର ରଥ ଡେକୋରେସନ ଆର୍ଟିଷ୍ଟ ଅପାମାନେ ନିଜର ମତାମତ ଓ ବିଚାର ପ୍ରକାଶ କଲେ । ସଂଗୀତା (ଦେ) ଅପା, ଶିଖା(ସେନ) ଅପା ସବୁ ନିଜ ପୁରୁଣା ଅନୁଭୂତି ଓ ଅନୁଭବ ମଧ୍ୟ ପ୍ରକାଶ କଲେ । ସମସ୍ତଙ୍କ ଉତ୍ସାହ ଓ ସହଯୋଗ ବହୁତ ପ୍ରେରିତ କରିଥିଲା ଆଗକୁ ବଢିବା ପାଇଁ ।

ରଥ ବେସ(Base)ର ଚାରିପଟେ ହାତ ତିଆରି ଦଶ ଅବତାର ପେଣ୍ଟିଙ୍ଗ ଲଗା ହୋଇ ସଜ୍ଜା ହେବ ବୋଲି ନିର୍ଣ୍ଣୟ ହେଲା । ଦଶ ଅବତାର ପେଣ୍ଟିଙ୍ଗ କରିବା ପାଇଁ ହସ୍ତକଳା ରେ ନିପୁଣ କିଛି ଆର୍ଟିଷ୍ଟ ମାନଙ୍କୁ ଚୟନ କରାହେଲା । ଗୀତା, ଦଶ ଅବତାରଙ୍କ ସହଜ ଚିତ୍ର ବାଛି ସମସ୍ତଙ୍କୁ ପଠେଇବେ ବୋଲି ମିଟିଙ୍ଗ୍‌ରେ କହିଲେ ।ଜୟଶ୍ରୀ ଫୁଲ ସାଜସଜ୍ଜା ଦାୟିତ୍ୱ ନେଲେ । ଆଉ ତାଙ୍କୁ ସହଯୋଗ କଲେ ତାଙ୍କ ବାନ୍ଧବୀ ମଧୁ । ଏତିକି ସହିତ ଆମର ପ୍ରଥମ ମିଟିଙ୍ଗ୍ ଶେଷ

ହେଲା । ମିଟିଙ୍ଗ୍ ସରିବାର ୧୫-୨୦ ମିନଟ ଭିତରେ ଗୀତା ଦଶାବତାର ଚିତ୍ର  ଗୁଡିକ ଡେକୋରେସନ ଗ୍ରୁପରେ ପଠେଇଲେ । ତାଙ୍କ ଆଗ୍ରହ ଆଉ ରଥ ତିଆରି ପାଇଁ ଏକ୍ସାଇଟମେଣ୍ଟ ଦେଖି ବଡ ଖୁସି ଲାଗିଲା । ମୁଁ ବି ଫଟାଫଟ ରଥର ସବିଶେଷ (detailed) ଚିତ୍ର  ଆଙ୍କିବାରେ ଲାଗିଗଲି ।

ଦ୍ୱିତୀୟ ମିଟିଙ୍ଗ୍ ସପ୍ତାହ ପରେ ରଖିଲୁ । ମିଟିଙ୍ଗ୍ ପୂର୍ବରୁ ଆରମ୍ଭ ହେଲା ମାପଚୁପ କାମ । ରଥ କେତେ ବଡ ହେବ? ଦଶାବତାର ପେଣ୍ଟିଙ୍ଗ କୋଉଠି ଆଉ କେମିତି ଲାଗିବ?  ପେଣ୍ଟିଙ୍ଗ ପାଇଁ କେମିତି କପଡ଼ାର ଆବଶ୍ୟକ? ଏଭଳି ଏମିତି ବହୁତ ପ୍ରଶ୍ନ ସବୁ ମୁଣ୍ଡକୁ ଆସୁଥାଏ । ସେତେ ବେଳେ ମୋ ଫୋନ ବାଜିଉଠିଲା । ଦେଖେ ତ ଟିନା ଅପାଙ୍କ କଲ । ଯେମିତି ଭଗବାନଙ୍କ ଦୂତ ହେଇ ପହଞ୍ଚିଥିଲେ ସେ । ତାଙ୍କ ସହିତ ସେ ୧୫-୨୦ ମିନଟର କଥା । ମୋତେ ମୋର ସବୁ ପ୍ରଶ୍ନର ଉତ୍ତର ମିଳିଗଲା । ରଥ ତିଆରି କାମକୁ ସେ ଅତି ସହଜ କରିଦେଲେ ।

ସାଙ୍ଗେ ସାଙ୍ଗେ ଖାତା କଲମ ଆଉ କିଛି ସଫ୍ଟୱାର ଟୁଲସ ବ୍ୟବହାର  କରି ଦଶାବତାରର ବିରାଟକାୟ ପେଣ୍ଟିଙ୍ଗ  ଡିଜାଇନରେ ଲାଗିପଡିଲି । ଜ୍ୟାମିତି (Geometry)ର ଯାହା ସବୁ ଫୋରମୁଲା ଜାଣିଥିଲି ସବୁ ବ୍ୟବହାର  ହେଇଗଲା ସେ ଡିଜାଇନ ନିର୍ମାଣରେ । ମୁଁ ଆଜି ପର୍ଯ୍ୟନ୍ତ ଜ୍ୟାମିତି (Geometry) ପାଠର ଏତେ ପ୍ରାକଟିକାଲ ବ୍ୟବହାର  କେବେ ବି କରିନଥିଲି । ସଠିକ ମାପ ଆଉ ସିମେଟ୍ରିକ ଡିଜାଇନ ନ ହେଲେ ଅନ୍ତିମ(Final) ପେଣ୍ଟିଙ୍ଗ ଭଲ ଦିଶିବନି  । ସେ ପାଇଁ ପ୍ରତି cm ଧ୍ୟାନ ରଖିବାକୁ ପଡୁଥାଏ । ଡେକୋରେସନ ଟିମରେ ସମସ୍ତଙ୍କର ମତାମତ ନେଇ ବହୁତ ବଦଳାବଦଳି ପରେ ଅନ୍ତିମ ଡିଜାଇନ ପ୍ରସ୍ତୁତ ହେଇଗଲା । ଦ୍ୱିତୀୟ ମିଟିଙ୍ଗ୍‌ରେ ଅବତାର ପେଣ୍ଟିଙ୍ଗ ପାଇଁ ଆର୍ଟିଷ୍ଟ ଚୟନ ଆରମ୍ଭ ହେଲା ।

ସଂଗୀତା ଅପା  -  ବାମନ ଓ ବରାହ ଅବତାର
ଛବିଲତା  ଗୁଛୁ -  କଳ୍କୀ ଓ ନୃସିଂହ ଅବତାର
ଲାବଣ୍ୟ କୃଷ୍ଣାସ୍ୱାମୀ -  କଚ୍ଛପ ଅବତାର
ସସ୍ମିତା ପ୍ରିୟଦର୍ଶିନୀ - ମତ୍ସ୍ୟ ଅବତାର
ଦେବାଶିଷ ପଣ୍ଡା -  ପର୍ଶୁରାମ ଅବତାର
ଶ୍ରାବଣୀ ସାହୁ - ରାମ ଅବତାର
ଟିନା ଅପା -  ବୁଦ୍ଧ ଓ  ବଳରାମ ଅବତାର
ସ୍ୱାଗତିକା ଓ ଗୀତା – ବର୍ଡ଼ର

ମାପ ଅନୁସାରେ ଆର୍ଟିଷ୍ଟ ମାନଙ୍କୁ ଧଳା କ୍ୟାନଭାସ କପଡା, କଲର ନିର୍ଦ୍ଦେଶପତ୍ର, ଅବତାର ଡିଜାଇନ ଇତ୍ୟାଦି ସୂଚନା ଯୋଗାଇ ଦିଆଗଲା ।

ଅବତାର ତ ତିଆରି ହେଇଯିବ କିନ୍ତୁ ରଥରେ ଲାଗିବ କେମିତି? ସେ ନେଇ ବହୁତ ଚର୍ଚ୍ଚା କରାଗଲା । ସେତେବେଳେ ଶ୍ରୀନିବାସଃ ସାହୁ ତାଙ୍କ ମତାମତ ଦେଇ କହିଲେ, ଆର୍ଟିଷ୍ଟ ମାନଙ୍କର ବ୍ୟକ୍ତିଗତ ପେଣ୍ଟିଙ୍ଗ ସବୁ ଗୋଟେ ବଡ କଂଟ୍ରାଷ୍ଟ  (contrast) କୋଲର କ୍ୟାନଭାସ ଉପରେ ସିଲେଇ କରିଦେବା । ସେଇଟା ରଥରେ ସହଜରେ ଲଗେଇ ହେବ ଆଉ ଫୋଲଡ଼(fold) କରି ସହଜରେ ସାଇତି(store) ରଖି ବି ହେବ । ତାଙ୍କ ବିଚାର ଆମ ସମସ୍ତଙ୍କ ମନକୁ ପାଇଲା  ।  ଆଉ ଡେରି ନ କରି ପେଣ୍ଟିଙ୍ଗ  କାମ ଆରମ୍ଭ ହୋଇଗଲା । ଏତେ ବ୍ୟଗ୍ରତାରେ ସବୁ କାମ ହେଉଥାଏ ଯେ ଯେମିତି ଲାଗିଲା ଦୁଇ ମାସ କଣ, ଦୁଇ ସପ୍ତାହରେ ରଥ କାମ ସରିଯିବ ।

ଏତେ ପର୍ଯ୍ୟନ୍ତ ଯାହା ବି ସବୁ ହେଇଥାଏ ସେ ସବୁ ରଥ ରେ କିବା ମନ୍ଦିରରେ ଲାଗିବ ପାଇଁ । ହେଲେ ରଥର ମୁଖ୍ୟଅଂଶ ଯୋଉଟା କି ଉପର ଡୋମ, ଏ ପର୍ଯ୍ୟନ୍ତ ତା ସମ୍ପର୍କୀୟ ବିଷୟରେ କିଛି ବି ଚର୍ଚ୍ଚା ହୋଇ ନ ଥାଏ । ଏ ବିଷୟରେ ବେଶି ନ ଭାବି ରଥ ଡୋମରେ କଣ କଣ ଅପ୍ପଲିକ(Applique) ସବୁ ଲାଗିବ, ସେ ସବୁ ନିର୍ଦ୍ଧାରଣ କରିବାରେ ଲାଗିଗଲି। ଜୋରଦାର ଅନୁସନ୍ଧାନ ଆରମ୍ଭ ହେଲା ପୁରୀ ରଥ ଉପରେ । କୋଉ ରଥର କେମିତି ରଙ୍ଗ କପଡା, ରଥରେ କଣ କଣ ସବୁ ଉପାଦାନ ଥାଏ ଇତ୍ୟାଦି ଇତ୍ୟାଦି । ଏ ଅନୁସନ୍ଧାନରେ କମ ସେ କମ ୨୦- ୩୦ ଟା youTube ଭିଡ଼ିଓ ଦେଖିଥିବି ଓ ଅଗଣିତ ରଥ ସମ୍ବନ୍ଧିତ ଦସ୍ତାବିଜ ସବୁ ପଢିଥିବି । ଅନୁସନ୍ଧାନ ସରିଲା ବେଳକୁ ଜଗନ୍ନାଥଙ୍କ ରଥର ଗୋଟେ ଲମ୍ବା ଉପାଦାନ ଲିଷ୍ଟ ତିଆରି ହେଇ ସାରିଥାଏ । ଏବଂ ରଥର ଗୋଟେ ସବିଶେଷ ଓ ପୂର୍ଣ୍ଣ ଚିତ୍ର ମନରେ ତିଆରି ହୋଇ ସାରିଥାଏ ।

କିନ୍ତୁ, ମନଟା ଯାଇ ଡୋମର ଫ୍ରେମ୍ ପାଖରେ । ଆମ ଘରେ କାଠ ଯନ୍ତ୍ରପାତି ବେଶି ନାହିଁ । ସେ ପାଇଁ କାଠ ସମ୍ପର୍କିତ କିଛି ବି ବଡ ପ୍ରୋଜେକଟ କରିବା ପାଇଁ ମୋର ସାହସ ପାଉ ନଥାଏ । ଏମିତି ଦେଖୁଦେଖୁ ୨ ସପ୍ତାହ ସରିଗଲା ।  କିନ୍ତୁ ରଥ କାମରେ କିଛି ବି ପ୍ରଗତି ନ ଥିଲା । ଅଫିସରେ କାମ ମଧ୍ୟ ଖୁବ ବଢି ଯାଇଥାଏ । ରଥ କାମ ପାଇଁ ବେଶି ସମୟ ଦେଇ ହେଉ ନଥାଏ । ଗୋଟେ ସମୟରେ ଭାବିଲି ରଥ କାମ ବିଚାର ପରିତ୍ୟାଗ କରିଦେବି । ଭାରି ବ୍ୟସ୍ତ ଲାଗୁଥାଏ । ମନରେ ଗୋଟେ କୋହ ବି ଆସୁଥାଏ । ଠିକ ଏତିକି ବେଳେ ମୋ ବଡ ଭଉଣୀଙ୍କର ଫୋନ କଲ ଆସିଲା । ରଥ ତିଆରି କଥା ଆମ ଘରେ ମୁଁ ଖାଲି ମୋ ବଡ ଭଉଣୀଙ୍କୁ ଜଣେଇଥିଲି ।  ସେ ଜଣେ ଭଲ ଆର୍ଟିଷ୍ଟ ଓ ପ୍ରଭୁ ଜଗନ୍ନାଥଙ୍କ ବଡ ଭକ୍ତ । ସେ ଅଚାନକ ପଚାରିଲେ, ଆରେ, ତୋ ରଥ କାମ କୋଉ ଯାଏଁ ଗଲା ? ମନ ଦୁଃଖରେ କହିଲି, ଅପା ଡୋମ ହିଁ ପ୍ରସ୍ତୁତ ନାହିଁ । ସେ ପାଇଁ ବେଶି କିଛି କରିହେଉନି । ସେ ତାଙ୍କ ଆଡୁ ଡୋମ ତିଆରି ପାଇଁ ତାଙ୍କ ବିଚାର ସବୁ କହିବାକୁ ଲାଗିଲେ । ଯେମିତି ମା ସରସ୍ବତୀ ତାଙ୍କ ଗଳାରେ ବିରାଜମାନ ହୋଇଥିଲେ ସେ ଦିନ । ପ୍ରଭୁଙ୍କର  ନିର୍ଦ୍ଦେଶରେ ଆସି ସିଏ ଘରେ କରିହେଲା ଭଳି, ରଥ ଡୋମ ତିଆରିର ଉପାୟ ସବୁ କହି ଦେଇଗଲେ ।

ମନରେ ପୁଣି ରଥ ତିଆରି ପ୍ରତି ଆଗ୍ରହ ଓ ବ୍ୟଗ୍ରତା ଆସିଗଲା । କଲମ କାଗଜ ଧରି ସଠିକ ମାପ ସହିତ ରଥ ଡୋମ ଡିଜାଇନ ତିଆରି କରିଦେଲି । ହାତ ପାହାନ୍ତାରେ ଥିବା କାର୍ଡବୋର୍ଡ଼, ପୋଷ୍ଟର ପେପର ଓ କିଛି କପଡା ବ୍ୟବହାର କରି, ଡୋମର ଗୋଟେ କ୍ଷୁଦ୍ରାକୃତି (miniature model) ମଧ୍ୟ ତିଆରି କଲି ।  ସେ କ୍ଷୁଦ୍ରାକୃତିଟି ଥିଲା ଆମ ମାପକାଠି ଆଉ ରଥ ଗଠନର ମୁଖ୍ୟ ସନ୍ଦର୍ଭ (reference) । ଏବେ ବି ଅତି ଯତ୍ନର ସହିତ ସାଇତି ରଖିଛି ତାକୁ । ତା ପର ଦିନ ନରେଶ ଭାଇଙ୍କ ସହିତ ପରାମର୍ଶ କରି ଡୋମ କାମ ଆରମ୍ଭ କରିବା କଥା ଉଠେଇଲି । ଭାଇ ତ ସଦା ବେଳେ ବୁଲେଟ ଉପରେ ବସି ଥାଆନ୍ତି । ଠିକ ତା ପରଦିନ ହିଁ ସେ ତାଙ୍କ ଘରକୁ ଡାକିଲେ । ଯାଇ ଦେଖିଲା ବେଳକୁ କାଠ ପଟା, ବଡ କାଠ ଯନ୍ତ୍ରପାତି ସବୁ ଏକାଠି ଥୁଆ ହେଇଯାଇଛି । ଯାଉ ଯାଉ ସାଙ୍ଗେସାଙ୍ଗେ କାଠ କାଟିବା ଡେମୋ ଦେବା ଷ୍ଟାର୍ଟ କଲେ ଆଉ ପୁରୁଣା ବର୍ଷର କିଛି ଚାନ୍ଦୁଆ ମଧ୍ୟ ଦେଖେଇଲେ ।

ଗୋଟେ ବଡ ପୁରୁଣା ଚାନ୍ଦୁଆ ଦେଖେଇ ସେ କହିଲେ ଏଇଟା ବହୁତ ପୁରୁଣା ହେଇ ଗଲାଣି । ଏଥର ପୁନଃଚକ୍ରଣ (recycle) ପାଇଁ ଦେଇ ଦେବି । ତୁମକୁ ଯାହା ଦରକାର ନେଇ ଯାଅ ଯଦି କିଛି ରଥ କାମରେ ଲାଗି ପାରିବ ।

ସେ ଚାନ୍ଦୁଆ ଦେଖିକି ମୋତେ ବଡ ଲୋଭ ଲାଗିଲା । ବହୁତ ପୁରୁଣା ଚାନ୍ଦୁଆ । ରଙ୍ଗ ଛାଡି ଯାଇଛି, ଅପରିଷ୍କାର ବି ହେଇ ଯାଇଛି । ହେଲେ ତା ଉପରେ ଥିବା ଅପ୍ପଲିକ(applique) ଡିଜାଇନ ସବୁ ଏତେ ସୁନ୍ଦର ଥିଲା ଯେ ମୁଁ ଝଟ କରି ସେଇଟାକୁ ଆଗେ ଉଠେଇ ଆଣିଲି । ଘରେ ପହଞ୍ଚି ପ୍ରଥମେ ସେ ପୁରୁଣା ଚାନ୍ଦୁଆଟା କାଢି ଦେଖିଲି । କି ମନଲୋଭା ଚିତ୍ରକଳା ସବୁ ! ତାକୁ ଦେଖି ମନରେ ଅନେକ ବିଚାର ଉଙ୍କି ମାରିଉଠିଲା । ସେ ପୁରୁଣା ବେରଙ୍ଗ ଅପ୍ପଲିକ(applique) ଗୁଡାକୁ ନୂଆ ଜୀବନ ଦେବାପାଇଁ ନିଷ୍ପତ୍ତି ନେଲି । ସବୁ କାଟି ପକେଇଲି ଆଉ ଫ୍ରେଶ ରଙ୍ଗ ସହିତ କିଛି ସାଜସଜ୍ଜା କରି ସାରିଲା ପରେ ସେ ଅପ୍ପଲିକ(applique) ଗୁଡା ଯେମିତି ଜୀବନ୍ତ ହେଇଗଲେ । ତାପରେ ମୋତେ ଆଉ କିଏ ରୋକେ !!

ଛୋଟ ଛୋଟ କାମ ସବୁ ଆଗୁଆ ଶୀଘ୍ର ସାରିଦେଲେ ବଡ କାମ ପାଇଁ ପରକୁ ସମୟ ରହିବ, ଏ କଥାକୁ ମନରେ ରଖି ସବୁ ଦିନ ସନ୍ଧ୍ୟାରେ ଅଫିସ କାମ ସାରି ମୁଁ ୨-୩ ଘଣ୍ଟା ରଥ ଉପାଦାନ ପ୍ରସ୍ତୁତିରେ ଲାଗିଗଲି । ପ୍ରଥମେ ତିଆରି ହେଲେ ରଥ ଶୀର୍ଷରେ ଲାଗୁଥିବା ଶୁଆ ଯୋଡି -  ଜୀବ  ଆଉ ପରମ । କପଡାକୁ ରଙ୍ଗ କରି ଫୋମ ବୋର୍ଡ଼ରେ ଲଗେଇ ଶୁଆ ମାନେ ପ୍ରସ୍ତୁତ ହେଇଗଲେ । ୩ ଟା ପିତ୍ତଳ କଳସ - ନବ ବ୍ୟୋମ ଓ ଆକାଶକୁ ବି ନନ୍ଦିଘୋଷ ରଥ ଡିଜାଇନ ଅନୁସାରେ ରଙ୍ଗ ଓ ଚିତ୍ର ବିଚିତ୍ର କରି ପ୍ରସ୍ତୁତ କରିଦେଲି। ବାକି ସବୁ ଅପ୍ପଲିକ(applique), ଯେମିତି ନଡ଼ିଆ ଗଛ, କଦଳୀ ଗଛ, ମୀନ, ମୟୁର, ଗଣେଶ ଠାକୁର, ହଂସ, ଚକ୍ର  ଇତ୍ୟାଦି ସବୁଦିନ କିଛି କିଛି ପ୍ରସ୍ତୁତକରି ଚାଲିଲି ।

ଏ ସବୁ ଟିମ ସହିତ ସେୟାର ବି କରୁଥାଏ । ତାକୁ ଦେଖି ବାକି ଟିମ ମେମ୍ବର ମାନେ ବି ଟିକେ ଜାଗ୍ରତ ହେଇଯାଆନ୍ତି ।
ପରବର୍ତ୍ତୀ  ବଡ କାମ ଥିଲା ରଥର ୪ ଘୋଡା -  ଶଙ୍ଖ, ବଳାହକ, ଶ୍ୱେତ, ହରିଦଶ୍ୱ ତିଆରି କରିବା । ବହୁତ YouTube ଭିଡ଼ିଓ ଦେଖି ଫୋମ ବୋର୍ଡ଼ରେ ଘୋଡା ତିଆରି କରିବାକୁ ନିଷ୍ପତି ନେଲି । ତା ପାଇଁ ଦରକାରୀ କଞ୍ଚାମାଲ ଆଣିବା ପାଇଁ ଦୋକାନ ଯିବାକୁ ସମୟ ହେଉ ନଥାଏ । ସେତେବେଳେ ମନ୍ଦିରରେ ଇନ୍ସୁଲସନ(insulation) କାମ ଚାଲି ଥାଏ । ଇନ୍ସୁଲସନରେ ବ୍ୟବହାର ହେଉଥିବା ଫୋମ ବୋର୍ଡ଼ କିଛି ମନ୍ଦିର ବାହାରେ ଅଦରକାରୀ ହୋଇ ପଡିଥାଏ । ତାକୁ ଆଣି ଘୋଡା ଚିତ୍ର ତିଆରି କରି, ୪ଟା ଘୋଡା ପ୍ରସ୍ତୁତ କରିଦେଲି ।

କଥାରେ ଅଛି ଇଛା ଥିଲେ ଉପାୟ ବେଳେବେଳେ ଆସେ । ଏ କଥା ଅକ୍ଷରେ ଅକ୍ଷରେ ସତ । ସବୁ କଟାକଟି ସରିଗଲା । ଆରମ୍ଭ ହେଲା ସବିଶେଷ (detailed) ରଙ୍ଗ କାମ ଆଉ ରଥର ଛୋଟ ଛୋଟ ଉପାଦାନ ତିଆରି । କଣ ସବୁ ଆଉ କେତେ ପରିମାଣରେ ତିଆରି ହେବ ଲିଷ୍ଟ କଲା ବେଳକୁ ମୁଁ ମୁଣ୍ଡରେ ହାତ ଦେଲି । ରଥ ଯାତ୍ରା ଆଉ ମାତ୍ର ୧୫ ଦିନ ଥାଏ । ଅଫିସ କାମ ପରେ, ଖାଇବା ପିଇବା ସବୁ ଭୁଲି ରାତି ଡେରି ପର୍ଯ୍ୟନ୍ତ ବସି ମୁଁ ଆଉ ଶ୍ରୀନିବାସ କାମ କରିବା ଆରମ୍ଭକଲୁ । ସେତିକି ବେଳକୁ ମୋର ଦୁଇ ଜଣ ଦୂରରେ ରହୁଥିବା ବାନ୍ଧବୀ ଫୋନ କରି ଜଣେଇଲେ ଯେ ସେମାନେ ଆମ ଘରକୁ ଆସି ୪ ଦିନ ରହିବେ ବୋଲି । ଦୀର୍ଘ ୧୫ ବର୍ଷ ପରେ ସେମାନେ ଆମକୁ ଭେଟିବାକୁ ଆସୁଥିଲେ । ସେ ସମୟରେ ମୋ ପୁଅର ଗୋଟେ ନାସନାଲ ଲେବେଲ ପ୍ରତିଯୋଗିତା ଥାଏ ଆଉ ମୁଁ ଗୋଟେ ସାଂସ୍କୃତିକ ପ୍ରୋଗ୍ରାମରେ ବି ଭାଗ ନେବା ବିଚାର ପ୍ରତିଶ୍ରୁତି ଦେଇ ସାରିଥାଏ ।

ଭାବିଲି ଏ କେମିତି କା ପରୀକ୍ଷା ପ୍ରଭୁ ଜଗନ୍ନାଥ !! ଏତେ ସବୁ କର୍ମନିଯୁକ୍ତି(engagement) ଭିତରେ ରଥ କାମ କେମିତି ସରିବ? ଏତେ କାମ, ଏତେ କମ ସମୟରେ ଦୁଇ ଜଣ ଲୋକ ସାରିବା ଅସମ୍ଭବ । ଭାବିଲି, ରଥର କିଛି ଉପାଦାନ ଛାଡ଼ିଦେବି ।

ପ୍ରଭୁ ମୋ କଥା ଶୁଣିଲାପରି ଆମ ପାଖକୁ ଆଉ ୪ଟା ହାତ ପଠେଇଦେଲେ - ହରିଶ ଓ ଲାବଣ୍ୟା ରୂପରେ । ପ୍ରଭୁ ଜଗନ୍ନାଥଙ୍କ ପାଇଁ ସେ ଦୁଇ ଜଣଙ୍କର ବଡ ଶ୍ରଦ୍ଧା । ସେମାନେ ଦକ୍ଷିଣ ଭାରତୀୟ । ମନ୍ଦିରରେ ତାଙ୍କ ସହିତ ୩-୪ ଥର ଦେଖା ହୋଇଥାଏ । ଗୋଟେ ଅଲଗା ପ୍ରକାରର ସମ୍ପର୍କ ହୋଇ ଯାଇଥାଏ ତାଙ୍କ ସହିତ । ମୋର ରଥ ତିଆରି କାମର ବିବରଣୀ ଆଉ ସମୟ ଅଭାବିକତା ଦେଖି ସେମାନେ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ଯେମିତି ଲାଗିଲା ପ୍ରଭୁ ଜଗନ୍ନାଥ ମଧ୍ୟ ତାଙ୍କ ଭକ୍ତ ମାନଙ୍କୁ ପୂର୍ଣ୍ଣ ସହଯୋଗ ଦେବା ପାଇଁ ଆଗେଇ ଆସିଛନ୍ତି । ଯେତେ ସବୁ ଅପ୍ପଲିକ ରଙ୍ଗ ଓ ଚିତ୍ର କାମ ବାକିଥିଲା ଲାବଣ୍ୟ ଓ ହରିଶ ସବୁ ତାଙ୍କ ଉପରକୁ ନେଇନେଲେ ।

ରଥଯାତ୍ରା ପାଖେଇ ଆସୁଥାଏ । ହେଲେ ରଥର ଡୋମ ଫ୍ରେମ ଏ ପର୍ଯ୍ୟନ୍ତ ବି ପ୍ରସ୍ତୁତ ହେଇ ନଥାଏ କି ରଥର ବେସ (Base) ବି ପ୍ରସ୍ତୁତ ହେଇ ନଥାଏ । ଏମିତି ଗୋଟେ ଦିନ ଆମ ଓଡ଼ିଆ ଗ୍ରୁପରେ କଥା ହେଉହେଉ ଦେବାଶିଷ (ପଣ୍ଡା) ଭାଇ ଆସି କହିଲେ, "ମୁଁ ଡୋମ ତିଆରି ରେ ସାହାଯ୍ୟ କରିବି ।" ପରଦିନ ସକାଳେ ମନ୍ଦିର ପହଞ୍ଚି ଦେଖିଲା ବେଳକୁ ସେ ତାଙ୍କ ପ୍ରଫେସନାଲ(professional) ଯନ୍ତ୍ରପାତି ବକ୍ସ ସହିତ ପହଞ୍ଚି ଯାଇଛନ୍ତି ସେଠାରେ । ଡୋମ ତିଆରି ପାଇଁ ନରେଶ ଭାଇ ତାଙ୍କ ସହ କର୍ମୀ ଜେଫ ପ୍ରାଇଷ୍ କୁ ବି ନେଇ ଆସି ପହଞ୍ଚି ଗଲେ । ହରିଶ, ବିଜୟ, ଛବି ଆଉ ଶ୍ରୀନିବାସ ସମସ୍ତେ ରଙ୍ଗ, ତୁଳୀ, ସ୍କ୍ରୁ, ନଟ ,ବୋଲ୍ଟ ଇତ୍ୟାଦି ନେଇ ପହଞ୍ଚିଗଲେ ।

ଯୁଧ ଭିତ୍ତିକ ଭାବରେ ଆରମ୍ଭ ହେଲା ରଥ ନିର୍ମାଣ କାମ । ୭ ଘଣ୍ଟା ପରେ ରଥ ଗୋଟେ ଆକୃତିକୁ ଆସିଗଲା । ରଥ ବାଡ ସବୁ ପେଣ୍ଟିଙ୍ଗ କରା ହେଇ ରଥ ବେସରେ ଫିକ୍ସ ହେଇଗଲା । ରଥ ଡୋମ ବି ମୋଟାମୋଟି ପ୍ରସ୍ତୁତ ହେଇଗଲା । ବହୁତ ଦିନ ପରେ ସେଦିନ ରାତିରେ ଟିକେ ଶାନ୍ତିରେ ଶୋଇଲୁ ।

ରଥ ଯାତ୍ରାକୁ ଆଉ ମାତ୍ର 7 ଦିନ ସମୟ ବାକି ଥାଏ । ରଥ ଡୋମ କପଡାରେ ଅପ୍ପଲିକ(applique) ଆସେମ୍ବ୍ଲି (assembly) ଆଉ ସିଲେଇ କାମ ସେ ପର୍ଯ୍ୟନ୍ତ ଆରମ୍ଭ ହେଇ ନଥାଏ । ଘର ବେସମେଣ୍ଟରେ ଗୋଟେ କର୍ମଶାଳା ଗଠନ କରି, ଡୋମ କପଡା ତିଆରି ପାଇଁ ଦରକାରୀ ଲେସ (lace), କ୍ରାଫ୍ଟ ମ୍ୟାଟେରିଏଲସ (materials), ଅଠା, ଛୁଞ୍ଚି ସୁତା, ସିଲେଇ ମେସିନ ଇତ୍ୟାଦି ଆଣି ଅପ୍ପଲିକ ଆସେମ୍ବ୍ଲି କାମ ଆରମ୍ଭକଲୁ । ହରିଶ ଆଉ ଲାବଣ୍ୟା ପ୍ରାୟତଃ ପ୍ରତିଦିନ ସନ୍ଧ୍ୟାରେ ଅଫିସ ପରେ ଆମ ଘରକୁ ଆସି ୧୨ଟା ରାତି ପର୍ଯ୍ୟନ୍ତ ରଥ କାମରେ ହେଲ୍ପ କରନ୍ତି।

ଆମ ମାନଙ୍କ ଭିତରୁ କାହାକୁ ବି ସିଲେଇ ଜଣା ନଥିଲା । ଆଉ ସମୟ ବି ବହୁତ କମ ଥିଲା । ସେ ପାଇଁ ଅପ୍ପଲିକ ଗୁଡା ସବୁ ରଥ କପଡା ଉପରେ ଅଠାରେ ଲଗାହେଲା । ହଟ ଗ୍ଲୁ ଗନ (Hot Glue Gun)ରେ ଅଗଣିତ ଚେଙ୍କ ଖାଇଥିବୁ । ହେଲେ ରଥ କପଡାର ସୁନ୍ଦରତା ଦେଖି ଚେଙ୍କ କଥା ସବୁ ଭୁଲି ହାତ ଆଗକୁ ବଢି ଚାଲିଥାଏ । ବହୁତ ସମସ୍ୟା ଆସୁଥାଏ, ହେଲେ କୁହନ୍ତି ନା ଇଛା ଥିଲେ ଉପାୟ ଆସେ, ଠିକ ସେଭଳି ସବୁ ସମସ୍ୟାର କିଛି ନା କିଛି ସମାଧାନ ବାହାରି ଚାଲିଥାଏ । ଗତ ଦୁଇ ସପ୍ତାହର ରାତି ଅନିଦ୍ରା କାମ ଏବେ ଭାବିଲେ ଅସମ୍ଭବ ଲାଗେ ।

ରଥ କପଡାର ପ୍ରତେକ ଉପାଦାନ (Element) ନିର୍ଦ୍ଧାରିତ ଜାଗାରେ ଲାଗ ହେଇଚି କି ନାହିଁ, ମୁଁ ଖୁବ ଧ୍ୟାନର ସହିତ ତଦାରଖ କରୁଥାଏ । ହରିଶ ଲାବଣ୍ୟା ମନେମନେ ଭାବନ୍ତି ମୁଁ ଏତେ ସବୁ ଛୋଟଛୋଟ ଜିନିଷ ରଥ କପଡାରେ କଣ ପାଇଁ ଲଗାଉଛି । ସେ ସବୁର ଆବଶ୍ୟକତା କଣ? ତା ପରଦିନ ପୁରୀ ଓଡିଶାରେ ରଥ ଯାତ୍ରା ଥାଏ । ଅନ୍ଲାଇନ୍ରୁ(Online) ରଥଯାତ୍ରା ଦେଖି ସାରି ଲାବଣ୍ୟା ମୋତେ ଫୋନ କରି ଅତି ଉତ୍ସାହିତ ଗଳାରେ କହିଲା, "ଜାଣିଛ, ତୁମେ ଯାହା ଯାହା ଅପ୍ପଲିକ (Applique) ଆମ ରଥରେ ଲଗେଇଛ, ଠିକ ସେସବୁ ଜିନିଷ ପୁରୀ ରଥରେ ଆମେ ଦେଖିଲୁ । ଖୁବ ଡିଟେଲଡ଼(Detailed) ଗବେଷଣା କରିଛ ତୁମେ ପୁରୀ ରଥର । ଆମେ କେବେ ବି ଏସବୁ ଜିନିଷ ଆଗରୁ ନୋଟିସ କରି ନଥିଲୁ । ଆମ ରଥ ନିଶ୍ଚିତ ଭାବରେ ବହୁତ ସୁନ୍ଦର ଆକୃତି ନେବ ଆଉ ଠିକ ପୁରୀ ମନ୍ଦିର ରଥ ଭଳି ଦିଶିବ ।" ଏ ସବୁ ଶୁଣି ବହୁତ ଖୁସି ଲାଗିଲା ଆଉ ମୋର ପ୍ରଖରତା ୨ ଗୁଣା ବଢିଗଲା ।

ଏତେ ମଧ୍ୟରେ ଦଶ ଅବତାର ପେଣ୍ଟିଙ୍ଗ ସବୁ ଆର୍ଟିଷ୍ଟ ମାନେ ଚିତ୍ର କରିବା ସାରି ଦେଇଥାନ୍ତି । ଅତି ମନଲୋଭା ସେ ଚିତ୍ର ଗୁଡିକ ଦେଖି ମନ ସମ୍ଭାଳି ହେଲାନି । ଦିନରେ ଅଫିସ କାମ ସାରି ସନ୍ଧ୍ୟାବେଳୁ ଲାଗିଗଲି ଦଶାବତାର ଆସେମ୍ବ୍ଲିରେ । ସଠିକ ଅନୁକ୍ରମ, ସାଇଜ଼, ବର୍ଡ଼ର, ସମରୂପତା ସବୁ ଧ୍ୟାନରେ ରଖି କ୍ୟାନଭାସ ପେଣ୍ଟିଙ୍ଗ ସବୁ ବେସ (Base) କ୍ୟାନଭାସରେ ଅଠା ଲଗା ହେଇ ପ୍ରସ୍ତୁତ ହେଇଗଲା । ତାକୁ ଦେଖି ଆଖି ଲାଖି ଯାଉଥାଏ ।

ସବୁ କପଡା ପ୍ରସ୍ତୁତ ହେଇଗଲା । ସେତେବେଳକୁ ଅଣ୍ଟା ପିଠି ସବୁ ଧରି ଗଲାଣି । ବଡ ଭଉଣୀକୁ କଲ କରି ଦେଖେଇଲି ସବୁ । ତା ପାଟିରୁ ବାହାରିଲା "ବୁଝିଲୁ, ତୁ ବଡ ଭାଗ୍ୟବାନ । ତୁ କୋଉ ଜନ୍ମରେ ପୁଣ୍ୟ କରିଥିଲୁ ଯେ ତୋତେ ରଥ ନିର୍ମାଣ ଭଳି ପବିତ୍ର କାମ କରିବାକୁ ସୁଯୋଗ ମିଳିଲା"। ଆଉ ତୁ ସେ କାମ ଖୁବ ସୁନ୍ଦର ଭାବରେ ସମ୍ପନ୍ନ କରିଛୁ । ସେଇଟା ଥିଲା ମୋର ସବୁଠୁ ବଡ ପୁରସ୍କାର । ମନରେ ଭରି ହେଇଗଲା ଅସୀମ ବଳ ଆଉ ଶକ୍ତି । ମନେ ପଡିଲା, ରଥ କପଡା ଯୋଡିବା ବାକି ଅଛି ବୋଲି । ତାକୁ ତ ଅଠା ଲଗେଇ ହେବନି, ସିଲେଇ ହିଁ କରିବାକୁ ପଡିବ । ଭାଳେଣି ପଡିଲା ସେ ସିଲେଇ ହେବ କେମିତି ? ଗୀତା କିଛି ଦିନ ମୋତେ ତାଙ୍କ ସିଲେଇ ମେସିନ ଦେଇଥିଲେ । ମୁଁ କେବେ ବି ସେ ମେସିନ ବା ଅନ୍ୟ କୋଉ ସିଲେଇ ମେସିନ ବ୍ୟବହାର କରିନି । ବିଜ୍ଞାନୀ ଅପାଙ୍କ ସିଲେଇ ମେସିନ ଟିକେ ପ୍ରଫେସନାଲ ଲେବେଲର ଥିଲା । ସେଥିରେ ସିଲେଇ କରିବାକୁ ସାହସ ହେଲାନି ।

ରଥ ଯାତ୍ରାକୁ ଆଉ ମାତ୍ର ୨ ଦିନ ବାକି । ଛାର ସିଲେଇ ପାଇଁ, ରଥ କାମ ଅପୁରଣ ରହି ଯିବ? ଗୋଟେ ଦିନ ରାତିରେ ସେ ସିଲେଇ ମେସିନକୁ ଧରି ସିଲେଇ ଆରମ୍ଭ କଲି । ସେଦିନ ଏତେ ଥକି ଯାଇଥାଏ ଯେ ବସି ବି ପାରୁ ନଥାଏ । ଆଖି ଝାଙ୍କି ପଡୁ ଥାଏ । ହେଲେ ସିଲେଇ ମେସିନ ଧରି ସିଲେଇ କରି ଚାଲିଥାଏ । ମାପଚୁପ ପାଇଁ ଆଉ ଧୈର୍ଯ୍ୟ ନଥାଏ । ଖାଲି ଅନୁମାନରେ ସବୁ ଚାଲିଥାଏ । ରାତି ୩ଟାରେ ସିଲେଇ ସରିଗଲା ।

ପରଦିନ ରଥ ଡୋମ ଉପରେ କପଡା ଲଗେଇ, ପରୀକ୍ଷା କରିବା ପାଇଁ ବିଚାରକଲୁ । ଗତ ୩ ଦିନ ଧରି ଲଗାତାର ବର୍ଷା ହେଉଥାଏ । ସେଦିନ ସକାଳୁ ମଧ ପ୍ରବଳ ବର୍ଷା ହେବାକୁ ଲାଗିଲା । ଦ୍ବିପ୍ରହର ୪ଟା ହେଲାଣି, ହେଲେ ବର୍ଷା ଛାଡୁନି ।

ପରଦିନ ରଥ ଯାତ୍ରା । କଣ କେମିତି ସବୁ ହେବ ଭାବି ବଡ ଅସ୍ତବ୍ୟସ୍ତ ଲାଗୁଥାଏ । ଭିତରୁ ବହୁତ କାନ୍ଦ ଲାଗୁଥାଏ । କଣ ରଥ ଯାତ୍ରା ନିର୍ଦ୍ଧାରିତ ହୋଇ ଥିବା ଦିନରେ ହୋଇପାରିବନି? ଏତେ ପରିଶ୍ରମ କରି ତିଆରି କରିଥିବା ରଥ ରଥଯାତ୍ରାରେ ବ୍ୟବହାର ବି ହେବନି? ଏମିତି କେତେ କଣ ପ୍ରଶ୍ନ ମନକୁ ଆନ୍ଦୋଳିତ କରୁଥାଏ । ସେତିକି ବେଳେ ଜଣେ ସାଙ୍ଗ କହିଲେ, "ଆରେ ପ୍ରଭୁ ଜଗନ୍ନାଥଙ୍କ କାମ ହେଉଛି, ତାଙ୍କ ଯାତ୍ରା ଏଇଟା, ତାଙ୍କ କାମ କେମିତି ହେବ ସେ ବୁଝିଦେବେ. ତମେ ବ୍ୟସ୍ତ ହୁଅନି ।"

ସବୁ ସେ କାଳିଆ ଉପରେ ଛାଡି ଦେଇ, ରାତ୍ରି ଭୋଜନ କରିବାକୁ ଗଲୁ । ହଠାତ୍ ସଂଧ୍ୟା ୮ ଟା ଆଡେ ବର୍ଷା ଛାଡିଗଲା । ଡେରି ନ କରି ଆମେ ରଥ ଡେକୋରେସନ ସାମଗ୍ରୀ ସବୁ ନେଇ ମନ୍ଦିରକୁ ବାହାରିଗଲୁ । ରାତିରେ ବି ବର୍ଷା ପ୍ରେଡିକ୍ସନ ଥାଏ । ଆଗାମୀ ସ୍ପେଲଲ ଆରମ୍ଭ ହେବ ଆଗରୁ କାମ ସାରିଦେବ ପାଇଁ ପ୍ଲାନ କଲୁ । ମନ୍ଦିରରେ ପହଁଚିଲା ବେଳକୁ ବହୁତ ସ୍ବେଚ୍ଛାସେବୀ (Volunteers) ଆମକୁ ହେଲ୍ପ କରିବାପାଇଁ ପହଞ୍ଚି ଯାଇଥାନ୍ତି ।

ନରେଶ ଭାଇ ଗୋଟେ ଟେଣ୍ଟ ଲଗେଇ ତା ତଳେ ରଥ ଡୋମକୁ ରଖି ଦେଇଥାନ୍ତି ଯେମିତି ବର୍ଷା ହେଲେ ବି ସେ ଡୋମ ଓଦା ହେବନି । ଡେରି ନକରି କାମରେ ଲାଗିଗଲୁ । ସର୍ବ ପ୍ରଥମେ ରଥ ଡୋମ କପଡା ଡୋମ ଫ୍ରେମ ଉପରେ ସେଟ କରାହେବ । ଭାରି ଡର ଲାଗୁଥାଏ ଯେ ଡୋମ କପଡାଟା ମାପ କରି

ସିଲେଇ କରିନି । ଯଦି ଫିଟ ନହେଲା? ଏତେ ବିଳମ୍ବରେ କଣ କରିବି? ଆଖି ବନ୍ଦ କରିଦେଲି । ଆଖି ଖୋଲି ଏ କଣ ଦେଖେ ମୁଁ ! ପ୍ରଭୁ ଜଗନ୍ନାଥଙ୍କ କୃପାରୁ ପ୍ରଥମ ଥରରେ ହିଁ ଡୋମ କପଡା ସମ୍ପୂର୍ଣ ଭାବରେ ରଥ ଫ୍ରେମ ଉପରେ ଫିଟ ହୋଇ ବସିଗଲା । ମୋ ପାଇଁ ବଡ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା ଏଇଟା । କେବେ ବି ଭାବି ନଥିଲି ଏମିତି ହେବ । ସବୁ ସଜାସଜି କାମ ସାରି ରାତି ୧୨-୧ ବେଳେ ଘରକୁ ଫେରିଲୁ । ସେଦିନ ରାତିରେ ସେ ରଥ ଡେକୋରେସନର ଅନୁଭୂତି ସ୍କୁଲ ବେଳର ଗଣେଶ ପୂଜା ଡେକୋରେସନ କଥା ମନେ ପକେଇ ଦେଇଥିଲା ।

Saturday, June 24 2023 – ପବିତ୍ର ରଥ ଯାତ୍ରା ଉତ୍ସବ ପାଳନ । ଦିନ ୧୧ଟାରେ ଭକ୍ତ ମାନେ ଆସି ପହଞ୍ଚି ଯିବେ । ତା ପୂର୍ବରୁ ରଥ ଡୋମ ମୁଖ୍ୟ ରଥ ବେସ ଉପରେ ସ୍ଥାପିତ ହେବା ଦରକାର । ପୂର୍ବ ରାତିରେ ବର୍ଷା ପ୍ରେଡିକ୍ସନ ଥିବାରୁ ପୂର୍ବ ଦିନ ରାତିରୁ ସେ କାମ ହେଇ ପାରିନଥିଲା । ରଥ ଯାତ୍ରା ଦିନ ସକାଳ ୭ଟାରେ ଘରୁ ବାହାରିଲୁ । ଘରୁ ଗୋଡ କାଢୁ କାଢୁ ପ୍ରବଳ ବର୍ଷା ଆରମ୍ଭ । ଭାରି ମନ ଦୁଃଖହେଲା । କେମିତି ହେବ ଆଜି ରଥ ଯାତ୍ରା ? ଏତେ ଦିନର ଏ ପରିଶ୍ରମ କଣ ବୃଥା ଯିବ? ବାଟ ଯାକ କାଳିଆକୁ ଡାକିଡାକି ଗଲୁ । ମନ୍ଦିର ପାଖେ ପହଞ୍ଚି ଦେଖୁଁ ତ ବର୍ଷା ଟୋପେ ବି ନାହିଁ ! ପୁରା ଜାଗା ଶୁଖିଲା ଓ ଆଲୋକିତ! ପ୍ରଭୁ ଜଗନ୍ନାଥଙ୍କର ସବୁ ମହିମା । ୩୦-୪୦ ମିନିଟରେ ରଥ ଡୋମ ସ୍ଥାପନା ହୋଇଗଲା । କଳା ମେଘ ଭର୍ତି ଆକାଶର ଗୋଟେ କୋଣରୁ ସୂର୍ଯ୍ୟଙ୍କ କିରଣ ଆସି ରଥ ଉପରେ ପଡିଲା । ଆଖି ଝଲସି ଉଠିଲା ! ରଥର କି ସୁନ୍ଦର ଶୋଭା!! ସେ ଦୃଶ୍ୟ ସାଧାରଣ ଭାଷାରେ ଅବର୍ଣ୍ଣନୀୟ । ପ୍ରଭୁ ଜଗନ୍ନାଥଙ୍କ ମହିମା ଅତି ସହଜରେ ଅନୁଭବ କରି ହେଉଥିଲା ସେଦିନ । ସବୁ କିଛି ଅଲୌକିକ ଥିଲା ।

ମୋ ସ୍ବପ୍ନ ଆଜି ବାସ୍ତବିକତାର ରୂପ ନେଇଥିଲା ।

ଧୀରେଧୀରେ ଭକ୍ତମାନେ ଆସି ପହଞ୍ଚିଲେ ରଥଯାତ୍ରା ପାଳନ କରିବାକୁ । ଆଉ ସମସ୍ତଙ୍କ ମୁହଁରେ ଗୋଟିଏ କଥା, ବାଃ କେଡେ ସୁନ୍ଦର ରଥ, ଆଉ କେଡେ ସୁନ୍ଦର ଆମ କାଳିଆ ଠାକୁର !! ସେତିକି ଶୁଣି ମୋ ହୃଦୟ ଭରିଗଲା ଆଉ ଆଖି ବି । ମନେମନେ ଗୁଣି ହେଉଥାଏ କୋଉ ଜନ୍ମରେ କଣ ପୁଣ୍ୟ କରିଥିଲି କେଜାଣି ମୋତେ ପ୍ରଭୁ ଜଗନ୍ନାଥଙ୍କର ରଥ ତିଆରି କରିବାର ସୁଯୋଗ ମିଳିଲା ।

ମୋର କୋଟି କୋଟି ପ୍ରଣାମ ସେଇ ବଡଠାକୁରଙ୍କୁ । ମୋ ଉପରେ ଭରସା କରି ରଥ ନିର୍ମାଣର ଏତେ ବଡ ସୁଯୋଗ ଓ ଦାୟିତ୍ବ ଦେଇ ଥିବାରୁ ନରେଶ ଭାଇଙ୍କୁ ଅନେକ ଧନ୍ୟବାଦ । ଅନେକ ଧନ୍ୟବାଦ ମୋ ପୁଅ ଆଉ ସ୍ବାମୀଙ୍କୁ ଯିଏ ୨ ମାସ ଧରି ମୋର ଏ ଯାତ୍ରାରେ ମୋତେ ପୂର୍ଣ୍ଣ ସହଯୋଗ ଦେଇଛନ୍ତି । ଡେକୋରେସନ ଟିମର ପ୍ରତ୍ୟେକ ମେମ୍ବରଙ୍କ ପାଖରେ ମୁଁ କୃତଜ୍ଞ । ସେମାନଙ୍କ ସହଯୋଗ ବିନା ଏସବୁ କେବେ ବି ସମ୍ଭବ ହେଇନଥାନ୍ତା ।

ବିଶେଷ ଉଲ୍ଲେଖ: ନରେଶ ଭାଇ, ରାଧା ଭାଇନା, ଦେବାଶିଷ ପଣ୍ଡା, ହରିଶ, ଲାବଣ୍ୟା, ଗୀତା, ଛବି, ସଂଗୀତା ଅପା, ଟିନା ଅପା, ଜୟଶ୍ରୀ, ମୋ ବଡ ଭଉଣୀ - ପ୍ରିୟମ୍ବଦା ମହାନ୍ତି, ଶ୍ରୀନିବାସଃ ଓ ଶୌନକ ।

ଏ ସୁନ୍ଦର ଅନୁଭୂତିକୁ ରୂପ ଦେବାପାଇଁ ପ୍ରେରଣା ଦେଇ ଥିବାରୁ ବିଜ୍ଞାନୀ ଅପାଙ୍କୁ ଅନେକ ଧନ୍ୟବାଦ ।

ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ!
ଜୟ ଜଗନ୍ନାଥ ସ୍ବାମୀ, ନୟନ ପଥଗାମୀ, ଭବ ତୁମେ । ଜୟ ଜଗନ୍ନାଥ !

# ସ୍ୱର୍ଗଦ୍ୱାର

**ଶ୍ରୀ ପ୍ରତାପ ଚନ୍ଦ୍ର ଦାସ, ଭୁବନେଶ୍ୱର**

ଜନ୍ମ ଓ ମୃତ୍ୟୁ । ଜନ୍ମର ବିପରୀତ ମୃତ୍ୟୁ ନୁହେଁ । କିନ୍ତୁ ଯିଏ ଜନ୍ମ ହୋଇଛି ତାର ମୃତ୍ୟୁ ଅବଶ୍ୟମ୍ଭାବୀ । ଜୀବନର ମୁଖ୍ୟ ବା ସାର ହେଉଛି ଆତ୍ମା । ଆତ୍ମାର ମୃତ୍ୟୁ ନାହିଁ । ଏହା ଚିରନ୍ତନ । ଜୀବର ମୃତ୍ୟୁରେ ଏହାର କେବଳ ସ୍ଥାନ ବା ଘଟ ପରିବର୍ତ୍ତନ ହୁଏ । ମୃତ୍ୟୁପରେ ବ୍ୟକ୍ତିର କଣ ହୁଏ ତାହା ଜାଣିବାକୁ ସମସ୍ତେ ଉତ୍ସୁକ । ଲୋକମାନଙ୍କ ମନରେ ମୃତ୍ୟୁକୁ ନେଇ ଅନେକ ଭୟ ରହିଛି । ମୃତ୍ୟୁ ହେଉଛି ପ୍ରକୃତି ପ୍ରଦତ୍ତ ଏକ ବିଧି ବିଶେଷ । ମୃତ୍ୟୁ ପରେ ବି ଜୀବନ ଅଛି ଏହି ବିଷୟକୁ ବୁଝାଇବା ଅସମ୍ଭବ । କାରଣ ମୃତ୍ୟୁ ପରେ ମଣିଷ ଜୀବନର ଆୟାମ ବଦଳିଯାଏ । ଏହି ନୂଆ ଆୟାମରେ ସମ୍ବାଦ, ସମୟ ଅନୁଭବ ସବୁକିଛି ବଦଳିଯାଏ । ଏହି ନୂଆ ଆୟାମକୁ ବୁଝାଇବା କଷ୍ଟକର କାରଣ କୌଣସି ନେତ୍ରହୀନ ବ୍ୟକ୍ତିକୁ ଆଲୋକ ସମ୍ବନ୍ଧରେ କେମିତି ବୁଝାଇହେବ । ତେବେ ଏହି ମୃତ୍ୟୁ କଣ ଯଦି ଏହା ଏକମାତ୍ର ସତ୍ୟ ତେବେ ଏଥିପାଇଁ ଏତେ ଭୟ କାହିଁକି । ଆଉ ସତରେ କଣ ମୃତ୍ୟୁ ପରେ ଜୀବନ ରହିଛି କଠୋପୋନିଷଦର ନଚିକେତା କାହାଣୀ ଆମକୁ ମୃତ୍ୟୁ ସମ୍ବନ୍ଧରେ ଶିକ୍ଷା ଦିଏ । ଉକ୍ତ କାହାଣୀରୁ ଆମେ ଏହି ଶିକ୍ଷା ପାଉ ଯେ ଯାହାକୁ ଆମେ ମୃତ୍ୟୁବୋଲି କହୁ ତାହା ପ୍ରକୃତରେ ମୃତ୍ୟୁ ନୁହେଁ । ଅନେକ ବିଶ୍ୱାସ କରନ୍ତି ମୃତ୍ୟୁପରେ ସବୁକିଛି ଶେଷ ହୋଇଯାଏ, କିଛି ବି ରହେ ନାହିଁ । ଆଉ କିଛି ଜ୍ଞାନୀ ଲୋକମାନେ କହନ୍ତି ମୃତ୍ୟୁରେ କେବଳ ଶରୀର ମରେ, ତା ଭିତରେ ଥିବା ଆତ୍ମାର କିଛି ହୁଏ ନାହିଁ । କାରଣ ଆତ୍ମା ଅମର । ଆତ୍ମାର କେବେ ମୃତ୍ୟୁ ହୁଏ ନାହିଁ । ମୃତ୍ୟୁରେ କେବଳ ଏହି ପାର୍ଥିବ ଶରୀରରୁ ଆତ୍ମା ବାହାରିଯାଏ । ଅଧିକାଂଶ ଲୋକ ମୃତ୍ୟୁର ନା ଶୁଣି ଡରନ୍ତି କାରଣ ମୃତ୍ୟୁ ପ୍ରତି ଅଜ୍ଞାନତା ଏକ ଭୁଲ ଧାରଣା ହୋଇଥାଏ । ନିଜକୁ ନିଜେ ନ ଚିହ୍ନିଲେ ଜୀବନରେ ରହସ୍ୟ ନ ଜାଣିଲେ ମୃତ୍ୟୁ ଆମକୁ ଏମିତି ଡରାଉଥିବ ଏବଂ ମୃତ୍ୟୁ ଆସିଲେ ଆମେ ପ୍ରସ୍ତୁତ ହୋଇ ପାରିବା ନାହିଁ ।

ଶ୍ରୀକ୍ଷେତ୍ର ପୁରୀକୁ ଆସିଲେ ମଣିଷ ମନର ସମସ୍ତ ପାପ ଧୋଇହୋଇ ମଣିଷ ପବିତ୍ର ହୋଇଯାଏ ବୋଲି ବିଶ୍ୱାସ ରହିଛି । କାରଣ ଏହା ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଧାମ । ସ୍ଥାନର ପବିତ୍ରତା ମନରେ ତୃପ୍ତିଦିଏ ଓ ଶାନ୍ତି ଦିଏ । ତାଛଡା ଏହା ଶ୍ରୀକ୍ଷେତ୍ରରେ ମହୋଦଧି କୂଳରେ ଥିବା ସ୍ୱର୍ଗଦ୍ୱାରରେ ଯେଉଁମାନଙ୍କର ଅନ୍ତିମ ସଂସ୍କାର କରାଯାଏ ସେମାନେ ବୈକୁଣ୍ଠ ଧାମକୁ ଯାଆନ୍ତି ବୋଲି ବିଶ୍ୱାସ । ଏହି ଶ୍ରୀକ୍ଷେତ୍ର ପୁରୀରୁ ସ୍ୱର୍ଗଧାମକୁ ଏକ ସିଡି ଅଛି । କଥା କଥାକେ ଲୋକେ କୁହନ୍ତି ବଡ ଲୋକକୁ ଉତ୍ତର ନାହିଁ କି ସ୍ୱର୍ଗକୁ ନିଶୁଣୀ ନାହିଁ । କଣ ପ୍ରକୃତରେ ସ୍ୱର୍ଗକୁ ନିଶୁଣୀ ନାହିଁ । ସତ କଥା ହେଲା ସ୍ୱର୍ଗକୁ ସିଡି ବା ନିଶୁଣୀ ଅଛି । ସ୍ୱର୍ଗକୁ ଦ୍ୱାର ମଧ୍ୟ ଅଛି । ଯେପରି ଜନମ ଥିଲେ ମରଣ ଅଛି । ହେଲେ ମୃତ୍ୟୁପରେ କିଏ ସ୍ୱର୍ଗକୁ ଯିବ ଓ କିଏ ନରକକୁ ଯିବ ତାହା ସ୍ୱୟଂ ଯମରାଜ ନିର୍ଣ୍ଣୟ କରନ୍ତି ବୋଲି ବିଶ୍ୱାସ । ଜୀବନରେ କରୁଥିବା କର୍ମ ଉପରେ ଏହା ନିର୍ଭର କରେ । ଭଲ କର୍ମ କଲେ ସ୍ୱର୍ଗପ୍ରାପ୍ତି ଓ ମନ୍ଦକର୍ମକଲେ ନର୍କ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ । ତେବେ ଭଲକାମ କରନ୍ତୁ ବା ନ କରନ୍ତୁ ସିଧା ସଳଖ ସ୍ୱର୍ଗକୁ ଯାଇ ହେବକି? ହଁ, ଆଉ ଏଇଥି ପାଇଁ ସ୍ୱର୍ଗକୁ ସିଡି ମଧ୍ୟ ରହିଛି । ଯେଉଁ ସିଡି ଦେଇଗଲେ ସ୍ୱର୍ଗକୁ ଯାଇହେବ ସେହି ସିଡି ଆଜି ବି ରହିଛି । ଶ୍ରୀକ୍ଷେତ୍ର ପୁରୀରେ ଅଦୃଶ୍ୟ ସତ୍ତା ମଧ୍ୟରେ ଲୁଚି ରହିଛି ଏହି ତଥାକଥିତ ସ୍ୱର୍ଗକୁ ସିଡି ।

ପୌରାଣିକ କଥା ଅନୁସାରେ ଲଙ୍କାର ରାଜା ରାବଣ କଠୋର ତପ ସାଧନା କରି ଭଗବାନ ଭୋଳାନାଥ ଶିବଙ୍କୁ ପ୍ରସନ୍ନ କରିଥିଲେ ଏବଂ ଭୋଳାନାଥ ଶିବ ଏଥିପାଇଁ ରାବଣକୁ ବର ଦେଇଥିଲେ, ଆଉ ସେହି ବରଦାନରେ ଯାହା ଶିବ କହିଥିଲେ ଯଦି ରାବଣ ଗୋଟିଏ ଦିନରେ ୫ଟି ସିଡି ନିର୍ମାଣ କରିଦେବ ତେବେ ସେ ମାଗିଥିବା ଅମରତ୍ୱ ବର ଲାଭହେବ । ସେ ଚିରଞ୍ଜୀବୀ ହୋଇଯିବ । ରାବଣ ଚିରଞ୍ଜୀବୀ ହେବା ଆଶାରେ ଗୋଟିଏ ଗୋଟିଏ କରି ୪ଗୋଟି ସିଡି ନିର୍ମାଣ କରିଥିଲେ କିନ୍ତୁ ୫ମ ସିଡି ନିର୍ମାଣ କରି ପାରି ନଥିଲେ । ତେଣୁ ତାଙ୍କର ସ୍ୱର୍ଗପ୍ରାପ୍ତି, ବିଫଳ ହେଲା । ଆଉ ଅମରତ୍ୱ ପାଇଲେ ନାହିଁ । କିନ୍ତୁ ରାବଣ ତିଆରି କରିଥିବା ସିଡି ମଧ୍ୟରୁ ପୁରୀରେ ଗୋଟିଏ ସିଡି ଅଛି । ପୁରୀ ମହୋଦଧି କୂଳରେ ସ୍ୱର୍ଗଦ୍ୱାର ନିକଟରେ ଥିବା ଶ୍ମଶାନେଶ୍ୱର ମନ୍ଦିର ନିକଟରେ ରହିଛି ଏହାର ଅଂଶାବିଶେଷ । ପୁରୀ ଶ୍ରୀମନ୍ଦିରରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ କୁହାଯାଏ ଉଆଁସ ଦାଣ୍ଡ । ସେହି ଉଆଁସ ଦାଣ୍ଡରେ ଗଲେ ଏକ ମଠ ଅଛି । ତାହାକୁ ଦେଢ଼ଶୁର ଭାଇବୋହୁ ମଠ କହନ୍ତି । ସେହି ମଠ ସମ୍ମୁଖରେ ଶ୍ମଶାନେଶ୍ୱର ମହାଦେବ ମନ୍ଦିର ଅବସ୍ଥିତ । ସେହି ଶ୍ମଶାନେଶ୍ୱର ନିକଟରେ ରହିଛି ସ୍ୱର୍ଗକୁ ଯିବାପାଇଁ ସିଡି । ସେହି

ସିଡିର ଉଚ୍ଚତା ୨ଫୁଟ ଅର୍ଥାତ୍ ସେଠାରେ ଥିବା ୨ଫୁଟ ଉଚ୍ଚତାର ଏକ ଶିଳାକୁ କୁହାଯାଏ ସ୍ୱର୍ଗକୁ ସିଡି । ଏହି ଶିଳାର ଗର୍ଭରେ ଏକ ଗର୍ତ୍ତ ରହିଛି ଏବଂ ଏହି ଗର୍ତ୍ତରେ ଥିବା ଜଳକୁ ପାନ କଲେ ସ୍ୱର୍ଗ ପ୍ରାପ୍ତି ହୁଏ ବୋଲି କେଉଁ ଆବହମାନ କାଳରୁ ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି । ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ ଗର୍ତ୍ତରେ ଥିବା ଜଳପାନ କଲେ ସ୍ୱର୍ଗ ପ୍ରାପ୍ତି ହୁଏ କି ନାହିଁ କହିବା ଅଲଗା କଥା କିନ୍ତୁ ଆବହମାନ କାଳରୁ ଏହି ବିଶ୍ୱାସ ଆଜିପର୍ଯ୍ୟନ୍ତ ରହିଆସିଛି ।

ବାସ୍ତବରେ ମହୋଦଧି ତଟରେ ଯେଉଁ ସ୍ୱର୍ଗଦ୍ୱାର ରହିଛି ଏବଂ ସେଠାରେ ପ୍ରତ୍ୟେକ ଦିନ ଶହଶହ ଶବଦାହ କରାଯାଉଛି ଅର୍ଥାତ୍ ଯାହାକୁ ଆମେ ସ୍ୱର୍ଗଦ୍ୱାର ଶ୍ମଶାନ କହୁ ତାକୁ ହିଁ ସ୍ୱର୍ଗଦ୍ୱାର ବୋଲି କୁହାଯାଏ ।

## Tume Anubhabara Thakura
## (Lyrics - Guru Satpathy)
## Voice -Bijaya Jena
## Music - Bulu Mishra)


## Translation
## Devaraj Sahu
## North Potomac, MD


tume anubhabara thAkura x2
(You are the Lord of realizations)
tume anubhabara thAkura x2
(You are the Lord of realizations)
chintA chetanAre, bhakti bhAbanAre x2
(in thought and consciousness,
in devotion and contemplation)
rahichi sthiti tumara x1
(your existence is secure)
tume anubhabara thAkura x2
(You are the Lord of realizations)

dekhibaku tuma shunya Brahma rUpa x1
(to view your void yet Omnipresent form)
jAlibAku heba gyAnara pradeepa x1
(I have to light the lamp of knowledge)
bAdhi dei sradhA biswAsara dhupa x1
(serving the incense of affection and faith)
sAdhibAku heba hrudayare tapa x1
(I have to practice meditation from the heart)
premara mantra re AtmA Alatee re x 2
(with chanting of love and offering of my soul)
pahada phite tumara x1
(you wake up from your slumber)
tume anubhabara thAkura x2
(You are the Lord of realizations)

tuma darshanare mile mahA shAnti x1
(your sight brings immense peace)
amrutathu meethA sehi anubhuti x1
(sweeter than nectar is that experience)
mAyAra jAlaru prANara kapotee x1
(from the bondage of illusion, the dove of life)
udijeebA pain pAe anumati x1
(gets permission to fly away)
karma kaudi re dharma daudi re x2
(using fate as dice and duty as rope)
sansAra kara uddhAra x1
(please save the universe)
tume anubhabara thAkura x2
(You are the Lord of realizations)
tume anubhabara thAkura x2
(You are the Lord of realizations)

# My Dream Home

**Prava Mayee Ray, Ellicot City, Maryland**

I have no aim to be so high,
Only a lovely hut under blue sky.

A blissful living where harmony  blossoms,
Built on a ground where hope sustains.

The waving symphony of a spell bound sparrow,
That’s how every morning starts here.

Night falls with a faded nightingale’s song,
Making herself exhausted after a day long.

Not a dream home but  a home to dream,
A fresh lilac dawn and a rosemary dusk.

A jubilant entrance, an exit of hope,
Stepping back in where regret no scope.

An essence full life cherishing through,
This is the home where I live now.

# ହେ ପ୍ରଭୁ ଜଗତ ଗୋସାଇଁ, ଗୋସାଇଁ

ବିଜ୍ଞାନୀ ଦାସ

ହେ ପ୍ରଭୁ ଜଗତ ଗୋସାଇଁ, ଗୋସାଇଁ
ତୁମ କୃପାବିନା ମୋର ଆନ ଗତି ନାହିଁ
ହେ ପ୍ରଭୁ ଜଗତ ଗୋସାଇଁ, ଗୋସାଇଁ ।ପଦ।

ହେ ଚକାନୟନ, ତୁମେ ତ ସକଳ ଜାଣ
ତୁମେ ସକଳ ନିଦାନ, ତୁମେ ସକଳ କାରଣ
ତୁମେ ଖରା, ତୁମେ ପୁଣି ଛାଇ, ଛାଇ ।୧।

ହେ କରୁଣା ସିନ୍ଧୁ, ତୁମେ ପ୍ରତି ଜଳବିନ୍ଦୁ
ତୁମେ ଝରଣାର ଝର, ତୁମେ ରକତର ଧାର
ତୁମ ମାୟା, ବୁଝି ହୁଏ ନାହିଁ, ନାହିଁ ।୨।

ହେ କମଳାପତି, ତୁମେ ଅଗତିର ଗତି
ତୁମେ ଭକ୍ତି, ତୁମେ ପ୍ରୀତି, ଆତ୍ମା ରୂପେ ତୁମ ସ୍ଥିତି
ତୁମ ପାଦେ ନିତି ମୁଁ ନମଇଁ, ନମଇଁ ।

# କବି ଓ କବିତା

ପ୍ରଭାମୟୀ ରାୟ

କବିତାର ଝର ସ୍ରୋତ ନିର୍ଝର,
ଫଟାଇ ପାହାଡ ଛାତି
ହତବାକ୍ କରି ଅକସ୍ମାତ ସ୍ମରି
ବଢାଏ ବନର କାନ୍ତି (୧)

କବିତା ଯେ ଏକ କବିର ତରଣୀ
ଶିଳ୍ପୀ ହସ୍ତଗଢ଼ା ମୂର୍ତ୍ତି
ହୃଦୟକୁ ଚିରି ବାସ୍ତବତା ଭରି
ଅଜାଡ଼େ ଅମାପ ଶାନ୍ତି (୨)

କେବେ ସେ ବିପ୍ଳବୀ, କେବେ ଅନୁଭବୀ
କେବେ ପ୍ରେମ ନିବେଦକ
ରୋମାଞ୍ଚରେ କେବେ ଭରା ତା ଲେଖନୀ
କେବେ ଦିଗହରା ଯକ୍ଷ  (୩)

କେବେ ସେ ଝରାଏ ମା'ର ମମତା
କେବେ ପିତା ନିଷ୍ଠୁରତା
କେବେ ପୁଣି ବୁଣେ ହୃଦସ୍ପର୍ଶୀ ଏକ
ଶ୍ରମିକର ବିବଶତା  (୪)

ଲେଖନୀ ତା'ର ଲେଖୁ ଲେଖୁ ରଚେ
ନୂଆ କେତେ ଇତିହାସ
ଯୁଦ୍ଧକ୍ଷେତ୍ରେ  ଯାଇ ନିରିମାଖି ମା'
ଖୋଜେ ପୁତ୍ର ଅବଶେଷ (୫)

ଲେଖନୀ ତା'ର ପ୍ରବଳ ପ୍ରତାପୀ
ଖେଳାଇ ପାରେ ତରଙ୍ଗ
କ୍ଷଣଭଙ୍ଗୁରରେ ଚଟାଣକୁ ଚିରି
ରଚେ ସେ ନୂଆ ପ୍ରସଙ୍ଗ  (୬)

ବିପ୍ଳବୀ ତାହାର ଲେଖନୀର ମୁନ
ଅଧୀନତା ସହେନାହିଁ
ପରାଧୀନତାକୁ ସ୍ୱାଧୀନତା ଦିଏ
ତା'ର ପଟାନ୍ତର କାହିଁ (୭)

ବିରକ୍ଷ ମନେସେ ରସ ଭରିଦିଏ
ଖେଳାଇ  ସାତତରଙ୍ଗ
ପୁଲକିତ କରି ହୃଦମନ୍ଦିରକୁ
ଦିଏ ଅସୀମ ଆନନ୍ଦ (୮)

କବିତାର ଶକ୍ତି କବିଯେ ଜାଣିଚି
କଲମ ତା'ର କରଣୀ
ସହସ୍ରବର୍ଷର  ଗୋପନୀୟତାକୁ
ଉଜାଗରେ ତା' କାହାଣୀ (୯)

କେବେ ମନଲୋଭା କେବେ ଛାତି ଥରା
କେବେ କୌତୁହଳ ପୂର୍ଣ୍ଣ
ତଥାପି କବି ସେ  ହାର ମାନେନାହିଁ
ଛାଡେନା କିଛି ଅପୂର୍ଣ୍ଣ (୧୦)

କୋଣାର୍କର ହେଉ ଅଶୁଣା କାହାଣୀ
ଅବା କାଳିଜାଇ ବ୍ୟଥା
କଣ୍ଟିଲୋର ନୀଳମାଧବ ହେଉ'ବା
ଧଉଳିଗିରିର ଗାଥା (୧୧)

କବିର କଲମ ନିର୍ଝର ଝରଣୀ
ଅନବର ଝରୁଥାଏ
ଲେଖୁଥିଲେ ଲେଖା କେବେ ନସରିବ
ଏବେ ମୁଁ ବିରତି ନିଏ (୧୨)

# Travelogue

## Iceland

By Shaunak Sahoo


Going to Iceland was a unique experience, from seeing the famous google sight of Kirkjufell to driving the Golden Circle and visiting the famous waterfalls and geothermal fields nearby.

Our Itinerary

The First Day/Kirkjufell:

On the first day of our exploration in Iceland, we visited the famous Google sight of Kirkfufell, a round topped mountain with a waterfall flowing in front of it. Located on the Snaefellsnes Peninsula of Western Iceland, this was a 3 hour drive (one way) from Keflavik International Airport (Iceland's main and only international airport).

On the way we saw many intriguing sights. The mountains on the side of the roads were mainly comprised of dirt and loose rock, while still being tall. In addition, while we were approaching the Snaefellsnes Peninsula, we could view the glacier and mountain, Snaefellsjökull across the water. At first glance, it looked like the unmistakable figure of Mount Fuji in Japan, but we soon realized that it was not.



When we reached Kirkjufell, clouds were hanging over the mountain, and the top was barely visible. But when we reached the famous Kirkjufellsfoss (the waterfall that sits at the base of the mountain, the sun had started shining, and we could also get glimpses of the (now close up) Snaefellsjökull.



The glacier was unlike anything I had ever seen. The amount of snow was unimaginable!

We walked around the well designed path that circles Kirkjufell until we reached a lake, which perfectly reflected the mountain!

The views of the mountain and its surrounding were stunning.

The Second Day:

On our second day of Iceland, we chose to drive and sightsee along the route known as the Golden Circle. This route consisted of many geothermal areas and geysers, massive waterfalls, craters that had formed from volcanic eruptions, and many more.

When we landed at Keflavik International Airport from Stockholm Arlanda,we drove for a steady 1 hour until we reached our hotel, Hotel Örk in a town called Hveragerði.

This town is actually situated on a geothermal hotspot, so when we were freshened up, we went for a walk around the town. We discovered that Reykjadalaur, one of the major sights on the Golden Circle, was actually situated here. This place is a thermally heated river, and one of the major sights on the river is where it drops down a waterfall.

Also, hot springs were plentiful here. We had seen many at Yellowstone National Park in the USA, but here, it was unlike anything else. You could freely walk near the hot spring, and come as close as you would like. This was something that I wouldn’t get to do anywhere else, as Iceland is the world’s largest geothermal location.

Once we returned, we prepared for the next day and fell asleep.

Kerið Crater:

We woke up, had breakfast, and started from our hotel to the next destination, Kerið Crater, which was a 19 minute drive.

Once we reached, we paid an entrance fee, and immediately walked up to see the crater. It was unbelievable! There was a crystalclear blue lake in the middle of the crater, and the crater itself was made of colorful red and yellow volcanic dirt.

We had the option to walk around the crater, or go down to the lake. We chose to do both, even though we had a slight time constraint. The views halfway through the loop were incredible, with the water glimmering down below. What amazed me the most was how this crater formed from a volcanic eruption.



When we went down the set of steps to the lake, we noticed that the water was perfectly clear and that the sun was shining perfectly at the lake.

A few moments later we had to turn around, as we wanted to visit the other destinations thoroughly.

Haukadalur Geothermal Field and Strokkur Geyser:

Our next location, the Haukadalur Geothermal Field/Geysir, was a 1 hour drive from Kerið Crater.

This geothermal field is the world's largest, and has 2 famous geothermal locations, one being Geysir (The Great Geysir), which rarely erupts, and the very active Strokkur Geyser. The Great Geysir's last eruption was in 2016, but its major eruptions in the past had gone up to 140 meters high.

Strokkur Geyser is a trusted geyser that erupts almost every 6-7 minutes. It was very interesting to see it erupt so close. I could see every one of the steps up close, from the minor bubbles, the large bubble, and how it burst open with a 30 meter shot of water.



Other locations were Litli Geyser, mudpots, fumaroles, and other hot springs nearby.

We spent a lot of time here, and therefore were a bit rushed to get to our last location, the famous Gullfoss Falls.

Gullfoss Falls:

Gullfoss Falls, one of Iceland's most famed attractions, was only a 5 minute drive from Geysir and Strokkur. Due to the amount of water flowing, the narrowness of the gorge, and the height of the drop, the waterfall was incredibly powerful, and the mist could be felt from distances as far as the parking lot.

When we were driving there, I was impatient to see the waterfall, but at every twist and turn, it was hidden. When we finally arrived at the walkway, I could see the top 20 meter cascade. It was massive to the eye, with the fast water slamming against the rocks on the side of the gorge.



I was looking for the second 40 meter cascade, but couldn't find it until we reached the end of the path. It was so deep, and you couldn't see the whitewater below due to the mist from the falls. It almost looked like Niagara Falls in the USA, except the environment was much different.

From the parking lot, we also caught a few glimpses of the distant Langjokull Glacier, which was a huge ice sheet covering the distant mountains. we drove back 2 hours to Keflavik International Airport for our flight.

Along the way was the last sight of the Golden Circle, which we just drove through, Thingvellir National Park. In the park, we crossed the continental plates of North America and Eurasia.

When we arrived at Keflavik International Airport, we returned the car and headed back home.

The End of Our Trip in Iceland!

How to Plan Your Own Trip in Iceland:

Use this table to plan your trip:

| | |
|---|---|
| Recommended Airline(s) | Icelandair |
| Month to Visit | Depends on your wish: If you want to see the Northern Lights, visit from September to March. If you want to sightsee and enjoy summer activities, visit in the summer. |
| Top Car Rental Agency at Airport | Enterprise |
| What to Wear | Warm Clothes (Layers), Rainjackets |
| Recommended Staying Locations | Reykjavik, Hveragerði, Selfoss, Fluðir, Laugarvatn, Vik, etc. |

Top Sightseeing Locations:

| Primary | Secondary |
|---|---|
| Kirkjufell | Glacier Expedition |
| Gullfoss Falls | Seljalandsfoss |
| Haukadalur Geothermal Field | Dettifoss and Selfoss |
| Kerið Crater | Thingvellir National Park |
| Skogafoss | Vik |
| Jokulsarlon Glacier Lagoon and Diamond Beach | Snaefellsjokull National Park |

Thank You!

Above the Arctic Circle
By Shaunak Sahoo

Our trip above the Arctic Circle in the extraordinary country of Norway was one that would never be forgotten, from seeing the midnight sun to looking at a real life moving glacier in a stunning landscape.

## Our Itinerary

### The First Day in Norway:

On our first day in Norway, we aimed to reach the famed Lofoten Islands, which would be the highlight of our trip. From our hotel in Arjeplog, Sweden, it was a 4 hour drive to the city of Bodø, where we would take a 4 hour ferry to Moskenes in the Lofoten Islands. From there, we would sightsee our way to our hotel in Bøstad, a 1.5 hour drive.

Saltstraumen:
On the way to the city of Bodø, we made sure to see two attractions before boarding the ferry, both being very close to the city of Bodø. The first one was the maelstrom of Saltsraumen, the most powerful in the world. A maelstrom is a very fast tidal current that can form whirlpools. This one could form some that could go up to as wide as 10 meters in diameter!

Mjelle Beach:
In addition to the maelstrom, we visited Mjelle Beach, actually a set of beaches that was 45 minutes away. The beach was very intriguing, as there were many hidden pebble beaches around, and you could explore and scramble around as much as you would like. Due to the turquoise blue water and the clear freshwater streams flowing through, this beach was a great experience for us.



From Mjelle Beach, we headed directly for the ferry port at Bodø. Our ferry was at 3:00 pm, and therefore had to report at 2:15 pm.

At the end of the ferry, we got a stunning view of the approaching Lofoten Mountains.

When we arrived at Moskenes, a town on the southwestern tip of the Lofoten, we headed another 5 km south to the village of Å, our first stop in the Lofoten.



Ȧ:
The village of Ȧ was very beautiful with the tall mountains looming above it, and the green-blue water of the Norwegian surrounding the town. We walked around until we found a pier that gave us amazing views of the rorbuer (old red fishing houses) reflecting off of the clear water.

Reine:
One of the most popular towns of the Lofoten, Reine is located at the base of the grand peak of Reinebringen, arguably the most famous and popular hike in northern Norway. The town was good, as its waterfront and piers that we would see the next day were one of the top sights.




Akkarvikodden Rasteplass:

The Akkarvikodden resting area is a fun stop, with its location sitting right next to a drinking water reservoir. There are even small trails that you can take to go to certain locations which give you good water views.

Rambergstranda:
Ramberg Beach (Rambergstranda) is a beautiful crescent shaped white sand beach located on the way to our hotel in Bøstad. Since it was not included in the Lofotodden National Park, we were given permission to fly our drone.



Nusfjord:
Nusfjord is a village that is located in a stunning location, with its red and orange rorbuer reflecting off the water. We even climbed some rocks to a point where you could see the whole fjord.



Hotel:
After Nusfjord, we drove about 40 minutes to our hotel in Bøstad, Furu Hostel. It was a great and spacious hotel, so it was a good choice that we were staying there for 2 nights.

Day 2:

Today, we planned to hike some of the most famous hikes in the Lofoten Archipelago. After waking up early in the morning, we drive to Fredvang, which is the trailhead for the Kvalvika Beach hike. From there, after a 40 minutes drive to Reine, we take a ferry that leads us to Bunes Beach, one of the most iconic in the Lofoten.

Kvalvika Beach:
Kvalvika Beach is one of the most famous hikes in the Lofoten. It starts at a parking lot in Fredvang, and from there, it is a 2 km hike to Kvalvika. Although the hike is rated easy, the last part requires scrambling on rocks, making it a fairly challenging hike at the end. It is also possible to hike up a mountain called Ryten from Kvalvika Beach, which gives you amazing views of the beach below.

After spending 1 hour at the beach, we headed back for the rocky outcrop where the trail back to Fredvang would start.

Once we reached Fredvang, we started the drive to Reine, the gateway to Bunes Beach.



Bunes Beach:
After taking the ferry from Reine to Vinstad, we started hiking towards Bunes Beach. In the first part of the hike, you have to walk on a flat gravel road. Then, it’s an uphill walk through bushes, and lastly, the trail descends down a steep narrow path onto the enormous beach. From there, it took us 10 minutes to walk from one end of the beach to the oceanside part. Overall, the beach was great, with fluffy, white sand and clear blue water. Since we were in a rush to get back to the ferry port, we could only snap a picture or two before returning. Once we reached the ferry point, we enjoyed homemade food and drinks from a nearby house while waiting for the ferry.



After a fun filled day it was time to head back to Furu Hostel, our hotel for the night. After a filling dinner, we chose to stay up late to view the Midnight Sun phenomenon.

Midnight Sun:
We viewed the midnight sun, a natural phenomenon where the Sun is up for 24 hours. This only occurs during a 1 ½  month period in the summer above the arctic circle latitude.

Our hotel was situated next to a beautiful lake, where we sat on a chair and followed the sun's movement. The sun came down, just above the horizon, paused for a while, and rose back up again in the opposite direction! It was a once in a lifetime experience to view this, as it is rare to view this phenomenon anywhere else in the world.

Day 3:

This is our last day in the Lofoten Islands, after almost 2 full days of exploration. Our plan is to hike the 8 km in and out Haukland and Uttakleiv Beach hike, which covers two of the most famous beaches in Norway. After that, we will head back to Moskenes to catch our ferry to Bodø, and from there, we will head to our hotel in the city of Mo I Rana, keeping the Arctic Circle Center in Jektvik a stop.

Haukland and Uttakleiv Beach Hike:
We started the Haukland and Uttakleiv Beach hike at Haukland Beach, even though we could drive and start at Uttakleiv. After spending some time here, we walked to the gravel path that looped around the mountains of Vegen and Mannen, leading us to Uttakleiv Beach. The path was fairly level and flat, and was not a hard hike at all.

The start of the trail overlooked the crescent shaped white sand beach and the turquoise blue water surrounding it. When we were around 2 kilometers in, we could see many rocky shores and singular mountains that were jutting out of the water on isolated islands. When we were nearing Uttakleiv Beach,

we started to search for the Dragon’s Eye landmark. The Dragon’s Eye is a natural phenomenon where a rock sitting in the sand is submerged under the water during high tide, but when the tide is low, it looks like a big eye. Luckily, when we were there (about noon), the tide was low, and the eye was visible.

When we reached Uttakleiv Beach, we were greeted with a rocky outcrop situated on the sand. Once we cleared the outcrop, we realized that the beach itself wasn’t that beautiful compared to some other ones we had seen due to the muddy water and the brown sand.



After spending some time here, we headed back on the same route we had come from.

At Haukland Beach, it was sunny, and the water was clear blue, inviting us to wade in the water. After dipping our feet, we had lunch, and then decided to head for Moskenes in order to arrive in time for the ferry to Bodø. Unfortunately, we had read the ticket incorrectly, and thought that the ferry was at 3:30 instead of 2:45, therefore misleading us and making us miss the ferry.

Revisiting Å, Reine, and Hamnøy:
Since we missed the 2:45 ferry, we had to wait to use the same ticket in order to take the 6:00 ferry to Bodø. In the meantime, we revisited some of the sights nearby that we didn’t have the chance to fully explore when we had first come here, including the nearby towns of Å, Reine, and Hamnøy. At Å, we visited some of the shops and piers in detail. At Reine and Hamnøy, we explored the oceanfront rorbuer in more detail. We returned at 5:00 to the ferry point because we didn’t want to miss the ferry again!



The four hour ferry back to Bodø ended at 10:00 PM, therefore canceling our plan of visiting the Arctic Circle Center.

Arctic Circle Center (From Outside):
The Arctic Circle Center in Jektvik is located on the Arctic Circle, at exactly 66.33° N latitude. It is a spherical building that is located in a tremendous backdrop, with glaciers and mountains surrounding you, even in the summer. Usually, when it is open from 8:00 am to 10:00 pm, you can learn about the arctic circle, and even get a certificate saying that you passed the circle. It was midnight when we went, so we unfortunately couldn't enjoy it fully.



Hotel:
Our hotel was a penthouse in Mo Gjestegard (Babette’s Hotell) in the city of Mo i Rana, 4 hours south of Bodø.

Day 4:

Today is the day when we will be visiting the Svartisen - Saltfjellet National Park, and will do a hike to get a close view of the Engelbreen (Svartisen) Glacier.

Getting to Svartisen:
From Mo i Rana, it takes 4 hours drive to reach the point where you can take the ferry to Svartisen. Our goal was to take the 2:00 ferry due to the fact that the last ferry was at 7:30, and that the hike takes about 4 hours both ways, and we wanted to leave some time as a buffer.

During the 4 hours drive, we came across two problems, both being ferries.

One of them was from Kilboghavn to Jektvik, whose time differed from day to day. The other ferry was from Ågskardet to Forøy, which operated every 1.5 hours. Since the ferry got filled with the cars ahead of us we were denied access to the ferry, and had to wait 1 ½ hours until the next one.

By the time we reached Holandsvik (Shuttle Boat to Svartisen Glacier on Google Maps), it was already 3:50, forcing us to take the 4:00 ferry (the boat operates every 1 hour).

Svartisen Glacier Hike:
As soon as we reached, we immediately headed for the wooded area that marked the trailhead. For about 3 kilometers, we walked on a scenic flat gravel path, although the last 2 kilometers were extraordinarily beautiful. Even though it was tough, and required scrambling on rocks, the views of the shining glacier, the 2 green lakes, the lush forest, and the clear glacial waterfalls all around us would never be forgotten.



The final viewpoint was really close to the glacier, but to get all the way to it, we would have to get a guide.



The walk back was much easier, so we calmly walked back to the trailhead, just in time for the boat. On the way, we even filled our water bottles with water straight from the waterfall.

We were the last and the most privileged people there, as the ferry operators offered to take us on a personal speedboat ride. The speedboat ride was really fun, with water splashing us every inch of the way. When we got back, we thanked the speedboat drivers, and headed back again to Mo Gjestegard (Babette's Hotell) in Mo i Rana, this time using the no-ferry 5.5 hours route.

Our hotel was again Babette's Hotell, although this time, we got a full apartment (2 bedrooms, 2 bathrooms, and a kitchen).

Day 5:

Today, we headed back to our starting point in Västerås, Sweden, an 11 hours drive. During the drive, we crossed the Swedish border, and then continued to see the cities of Sundsvall and Gävle.

The End of Our Trip Above the Arctic Circle!

# 2022 JOGA (Jagannath Temple) Finance Report

In 2022, we performed many new projects at Jagannath temple of North America (JTNA) like, building new chariot, clearing up of many big trees near the temple hall, started working on temple commercial use permit by submitting architectural design to Howard County. With the generous donation from our esteemed devotees, we could maintain total income as per with previous year total. Volunteers and devotees are the heart and soul of our temple. We thank you all for your unconditional support which had a very positive impact on temple operation as well as bank balance. The details of income and expenses are given below. Any questions and comments regarding the financial statements should be sent to jtna.infocenter@gmail.com

Income:

| | |
|---|---|
| Monthly Automatic donation | $12701 |
| PayPal/Online donation | $18082 |
| Cash/Check Deposit | $32577 |
| Total Income | $63360 |

Expenses:

| | |
|---|---|
| Salaries and other compensation | $9500 |
| Professional fees and other payments to contractors | $16550 |
| Utilities/maintenance | $18880 |
| Total expenses | $44930 |
| Excess Income | $18430 |
| **Bank deposit as of 12/31/2022** | **$35855** |

# Sponsors of 2023 JOGA/JTNA activities

## Durga Puja 2023

Pradip and Asha Swain - Grand sponsor (all four categories)
Ram and Swati Panda - Grand sponsor (all four categories)
Nivedita Mohanty - Kalash and Flower sponsor
Nilambar and Anu Biswal - Kalash Sponsor
Bikash and Dipti Mishra - Kalash sponsor
Rajat Subhra Biswas- Kalash Sponsor
Sarita Suman - Kalash Sponsor
Santanand Mishra - Kalash sponsor
Supravat and Pinky Rath - Bhajan sponsor
Shashadhar and Meera Mohapatra - Bhajan sponsor
Bhudeep Patnaik- Prasad sponsor
Joy Gopal and Sulochana Mohanty- Flower sponsor
Tapan and Monalisa Swain - General sponsor
Akash Pradhan- General sponsor

## Kitchen Remodeling Sponsors

Communicated by Bijay Chowdhury

1. Anonymous donor - $1000
2. Anonymous donor - $1000 (cost of granite)
3. Anonymous donor - $500 (cost of sink)
4. Anu and Nilambar Biswal -$165 (for range)
5. Sudip and Sushmita Patnaik -$170 (for range)
6. Geeta and Sushant Mohanty -$165 (for range)
7. Anonymous donor - $100
8. Manoj and Meeta Panda - $101
9. Bhudeep Patnaik- $250 (cost of hood range)
10. Suchit and Prava Ray- $185 (cost of SS table)
11. Anonymous donor- $180 (cost of faucet)
12. Bikash and Dipti Mishra - $201
13. Sudipta and Madhusmita Udgata -$200
14. Urmila and Devaraj Sahu -$200
15. Manas and Smita Panda- $150
16. Akash Pradhan - $50
17. Sujit Pati - $501

Total fund raised - $5118.00

Expenses:
Labor - $4690
Materials and Equipements - $4870
Total Expenses - $9560

## Rathajatra and Bahuda Jatra Sponsors

**Taladhwaja Sponsorship:**
1. Asha and Pradip Swain- (5)
2. Sobhana and Ajit Das
3. Reema and Sudhir Raju
4. Abhinash Jena
5. Bijay and Geeta Choudhury
6. Sanghamitra and Pradyot Behera
7. Sangeeta and Ashim Dey
8. Harish and Lavanya Jayaraj
9. Sarita and Sudipta Patnaik
10. Bigyani and Naresh Das (3)
11. Pinky and Sujit Das
12. Sangeeta and Prafulla Nayak
13. Baruni and Prasana Samal

**Darpadalan Sponsorship**:
14. Snigdha and Manoj Mishra
15. Anu and Nilambar Biswal
16. Urmila and Debaraj Sahu
17. Sujata and Gyana Bohidar
18. Sidharth Mohanty

**Nandighosa Sponsorship**:
19. Jhinu and Santanu Chhotray
20. Tina and Sikhanda Satpathy
21. Meera and Shashadhara Mohapatra
22. Meeta and Manoj Panda
23. Dipti Ranjan Tarai
24. Rasmi Ranja Ray
25. Debabrata Mishra
26. Preti and Hemant Biswal
27. Bandita and Nrusingha Mishra
28. Swagatika and Srinibas Sahoo
29. Mitali and Laxmidhara Senapati
30. Sinu and Bijay Dash
31. Biswaranjan Sahoo
32. Rakhi and Debashis Panda
33. Sulochana and Joy Gopal Mohanty (2)
34. Subas Pradhan
35. Mille and Alok Ray
36. Lily and Sunil Mohanty
37. Shila and Bhabani Das
38. Madhusmita and Tushar Acharya
39. Leetu and Tushar Chhotaray
40. Madhusmita and Manas Panda
41. Ipsa and Debashis Jena
42. Anima and Laxmidhara Mishra
43. Pinky and Tapan Swain (2)
44. Prava and Suchit Ray (2)

45. Sudhir and Jolly Mishra
46. Samapika and Padmabhusan Mohanty
47. Monalisha and Jayakumar Satpathy (3)
48. Deepa and Debanand Das
49. Sony and Raj Rath
50. Rajashree and Sukamar Nayak
51. Shivraj Kanungo
52. Monalisa and Tapan Kanahi
53. Minati and Pravu Mohapatra
54. Chandan Pratihari
55. MAdhuri and Jitendra Das

**Prasad Sponsorship:**
56. Deepti and Bikash Mishra (2)
57. Lipsa and Ashutosh Dalabehera (2)
58. Srabani and Subash Sahoo (2)
59. Swaha and Ashis Pal
60. Aliva and Ashis Mohanty
61. Bhudeep Patnaik
62. Arati and Nrusingha Biswal

**Flower Sponsorship:**
63. Sashmita Mishra
64. Pinky and Supravat Rath
66. Stiti and Jitendu Samanta
67. Sabyasachi Rath
68. Vinita and Tanmaya Sadangi
69. Martandeswar Panda
70. Bidyashree Padhi
71. Chabi and Satya Swain

**Total fund raised - $11400.00**

## Holi Sponsors

**Grand Sponsor:** Drs Asha and Pradeep Swain

**Balabhadra Sponsors:**
Nilambar and Anu Biswal, MD;
Naresh and Bigyani Das, MD;
Bikash and Dipti Mishra, VA

**Jagannath Sponsors:**
Shashadhar and Meera Mohapatra, MD;
Urmila and Debaraj Sahu, MD;
Jhinu and Shantanu Chhotray, VA;
Prafulla and Sangeeta Nayak, VA;
Supravat and Pinky Rath, MD;
Swaha and Ashis Pal;
Sulochana and Joy Gopal Mohanty, FL;
Hemant and Priti Biswal, VA,
Pradeep and Susmita Behera, MD;
Sikhanda and Tina Satapathy, MD;

Ipsa and Debashis Jena;
Manoj and Snigdha Mishra, MD;
Manoj and Meeta Panda, MD,
Ashish and Aliva Mohanty, MD

**Subhadra Sponsors:** Nrusingha and Bandita Mishra, MD;
Annapurna Satpathy, MD

**JOGASUTRA Sponsors:**
Reema Raju, VA
Debaki Nandan Chowdhury, MD
Ashwini Kaushik, MD

## Monthly Donors:

**Communicated by Krishna Debata**

We thank the following devotees as present monthly donors for monthly withdrwal and hope you will join the list soon.
Anu and Nilambar Biswal
Arati and Nrusingha Biswal
Preeti and Hemant Biswal
Sujata and Gyan Bohidar
Anjana and Debaki Chowdhury
Debanjan Chowdhury
Geeta and Bijay Chowdhury
Bigyani and Naresh Das
Jayashree and Mani Das
Liza and Debashis Das
Pinky and Sujit Das
Sinu and Bijay Dash
Sangeeta and Krushna Debata
Bandita and Nrusingha Mishra
Snigdha and Manoj Mishra
Alakananda Mohanty
Ashis and Aliva Mohanty
Manoranjan Mohapatra
Meera and Shashadhar Mohapatra
Sangeeta and Prafulla Nayak
Ram Nayak
Rakhi and Debashis Panda
Sujit Kumar Pati
Bhudeep Patnaik
Soni and Raj Rath
Prava and Suchit Ray
Swagatika and Srinibas Sahoo
Stiti and Jitendu Samant
Pinky and Tapan Swain
Dipti Ranjan Tarai
Madhusmita and Sudipta Udgata
Ashwini K Dash and Madhusmita Rath
Anonymous donor

# Appreciation

***Sunday Program/Monthly Bhajan Program and Other Special Event Activities – Status:*** We thank all the families for regularly participating in Sunday program activities, monthly bhajan program activities and special events.

We appreciate all the volunteers for food preparation, food distribution and cleanup during each temple event. Event logistics is an important area and we appreciate the volunteers who handle all the event logistics in supporting the families that vist the temple.

Communication is an important key in reaching out to the public and members of the Odia society. Thank you all for communicating the temple activities through email, WhatsApp group, in person conversations and other media such as facebook, YouTube and newspapers in Odisha.

### JOGA/JTNA Activity List and the Need of Volunteers

There are about 52 Sundays in a year. For these 52 Sundays, temple needs 52 sets of vounteers for various activities that go with the events. Apart from 52 Sunday programs, the temple observes monthly bhajan programs every month except during the months of Holi and Ratha Jatra, making it 10 months. The temple also observes many Odia pujas and festivities such as

Saraswati Puja
Holi
Pana Sankranti
Shiva Ratri
Snana Jatra
Ratha Jatra
Bahuda Jatra
Janmastami
Ganesh Puja
Durga Puja
Dipabali
Chhapana Bhoga and Mahamantra

All the above events have the requirements for volunteers, sometimes in small scale and sometimes in large scale. Following basic sets of volunteers are needed in each category:

**Food Committee:** Food Preparation, Food Distribution, Food Set Up, Kitchen Clean-Up
**Event Set-up and Wrap-up:** Decoration, Decorum, Set-Up for Sound System, Microphones, Musical Instruments
**Event Coordinators:** During the event, making sure all the participants are engaged, participants have a joyful and satisfying time, everything starts and ends on time, all attendees are treated with care and respect.
**Logistics for the Whole Event:** Starting from parking to availability of paper products and trash disposal

**Communication:** Public Relations Team, Communication about event timing, resource needs, event expectations
**Media:** Pictures, Videos, Publishing in Local as well as available mediums in Odisha
**Finance:** Fund Raising Team, Sponsors

Additionally, we do have the need for everyday deity puja as well as facility maintenance.

Considering our community size, we are sure, we can maintain the observance of the puja and special events for future months and years.

Year 2023 has been an amazing year for JOGA and JTNA events. Thank you, all the volunteers, in each category for your support.

Note: JOGA/JTNA also organizes two literary meets, Fall/Winter and Spring/Summer Poetry Reading. Communications are mostly exchanged in a separate email list and WhatsApp list. If you are interested in the literary activities and want to be included, please send an email to jogaevents@gmail.com.

## Wise Thoughts (Chanakya):

- Treat your kid like a darling for the first five years. For the next five years, scold them. By the time they turn sixteen, treat them like a friend. Your grown-up children are your best friends. – Chanakya

- The fragrance of flowers spreads only in the direction of the wind. But the goodness of a person spreads in all directions.

- The biggest guru-mantra is: never share your secrets with anybody. It will destroy you.

- Once you start working on something, don't be afraid of failure and don't abandon it. People who work sincerely are the happiest.

- There is some self-interest behind every friendship. There is no friendship without self-interests. This is a bitter truth.

- If one has a good disposition, what other virtue is needed? If a man has fame, what is the value of other ornamentation?

- Do not reveal what you have thought upon doing, but by wise council keep it secret being determined to carry it into execution.

# ଉନ୍ମୋଚନ



## ଯୋଗ ତରଫରୁ ଆୟୋଜିତ କବିତାପାଠ - ୨୦୨୩

ଦୀର୍ଘ ତିନି ବର୍ଷର ବ୍ୟବଧାନ ପରେ ଯୋଗ ତରଫରୁ କବିତାପାଠ ପାଇଁ ଆଉ ଜୁମ୍‌ର ସାହାଯ୍ୟନେବାକୁ ପଡିଲାନି । ପରସ୍ପର ଭେଟାଭେଟି ହୋଇ, ସମ୍ମିଳିତ ଉଦ୍ୟମରେ ପ୍ରସ୍ତୁତ ଖାଦ୍ୟପେୟର ମଜା ନେବା ସହିତ, କବିତାପାଠ କରି ଅନ୍ୟ ସହିତ ଭାବନା ବାଣ୍ଟିବା ସମ୍ଭବ ହୋଇପାରିଲା । ତା' ସହିତ ଗପଶପ ଓ ହାସ୍ୟରୋଳ ମଧ୍ୟରେ ଆମେମାନେ ଦୁଇଥର କବିତାପାଠ କରିବାକୁ

ସକ୍ଷମ ହୋଇଥିଲୁ । ପ୍ରଥମ କବିତାପାଠ ଫେବୃୟାରୀ ୪ ତାରିଖରେ ଶିଖଣ୍ଡ ଓ ଟିନା ଶତପଥୀଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପୌରୋହିତ୍ୟ କରିଥିଲେ ଶିଖଣ୍ଡ ଶତପଥୀ । ଶାରଦୀୟ କବିତାପାଠ ସମାରୋହ ସେପ୍ଟେମ୍ବର୍ ୨୪ ତାରିଖରେ ନରେଶ ଓ ବିଜ୍ଞାନୀ ଦାସଙ୍କର ବାସଭବନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମଧ୍ୟ ପୌରୋହିତ୍ୟ କରିଥିଲେ ଶିଖଣ୍ଡ ଶତପଥୀ । ପୂର୍ବରୁ ଅନୁଷ୍ଠିତ ହୋଇଆସୁଥିବା କବିତାପାଠ ସମାରୋହ ଭଳି ଏଥିରେ ଏତେ ଲୋକଗହଳି ନଥିଲେ ମଧ୍ୟ କୋଭିଡ୍‌ର ଆତଙ୍କ ପରେ ଏକାଠି ମିଶିବାର ଓ କବିତା ସୁଖର ଏ ଯେଉଁ ସୁଯୋଗ, ସେ ସୁଖଦାୟୀ ସ୍ମୃତିର ପଟାନ୍ତର ନାହିଁ । ଏ ଦୁଇଟି କବିତାପାଠ ସମାରୋହରେ ପରିବେଷିତ କେତୋଟି କବିତା ଆମେ ଏ ସଂଖ୍ୟାରେ ପ୍ରକାଶ କରୁଛୁ । ଆଶା, ଏ ସବୁ କବିତାର ଭାବ ଆପଣମାନଙ୍କୁ ଲେଖକମାନଙ୍କ ଭାବନା ସହିତ ଅତି ନିକଟତର କରାଇବ ।









# ପହିଲି ପରଶ

ମନୋଜ ପଣ୍ଡା, ଗେଥର୍ସବର୍ଗ, ମେରୀଲାଣ୍ଡ



ଦୂର ଦିଗବଳୟର ଉଦୀୟ ଅସ୍ତ ଚନ୍ଦ୍ର ଅର୍କ
ଉଷସୀର ଅରୁଣିମା, ଚନ୍ଦ୍ରିମା
ଅନ୍ତହୀନ  ସାଗର ଓଠରେ ଆଙ୍କିଦିଏ
ଏକ ମଧୁର ଆଶ୍ଳେଷ
ସାୟଂ ପ୍ରାତଃର ଆର୍ବିମାନ ସୀମାରେଖା
ଅନିର୍ବଚନୀୟ ସେ ପହିଲି ପରଶ |

ଗର୍ଭଗୃହର ଅନ୍ଧତମସରୁ
ଶୈଶବର ଆମ୍ ପ୍ରକାଶ
ମାତୃକ୍ରୋଡ଼ର ନିଛକ ଆହ୍ଲାଦ
ଅନିର୍ବଚନୀୟ ସେ ପହିଲି ପରଶ |

ସୁପ୍ତ କଳିକାରୁ ପୁଷ୍ପର ଉଦଗମ
ଅଙ୍କୁରିତ ବୀଜର ପ୍ରାରମ୍ଭ
ଅନିଳ ଆଲୋକର ଅନାବିଳ ଆଲିଙ୍ଗନ
ଅନିର୍ବଚନୀୟ ସେ ପହିଲି ପରଶ |

ପ୍ରଥମ ଶ୍ରାବଣର ଝିପି ଝିପି ବର୍ଷା
ଗାଢ଼ ଜଳଦ ମାଳାରେ ଅଶନି ସଙ୍କେତ
ଆଲୁଳାୟିତ କୁନ୍ତଳରେ ହସର ଚମକ
ମୁକୁଳା କେଶର ବିଭୋର ମହକ
ସାଉଁଳା ହାତର ସଜଳ ସ୍ମୃତି
ଅନିର୍ବଚନୀୟ ସେ ପହିଲି ପରଶ |

ବିନିଦ୍ର ରାଜନୀରେ ଜ୍ୟୋସ୍ନାର ଉଚ୍ଛ୍ୱାସ
ବିଧୌତ ମନର ଅସଜଡ଼ା ଧୃଷ୍ଟତା
ପ୍ରତୀକ୍ଷାର ଭବିଷ୍ୟତ ଓ ବିଗତ ଅତୀତ
ବର୍ତ୍ତମାନର ବାସ୍ତବତାରେ ରୋମନ୍ଥନ
ଆନମନା କରେ
ଅନିର୍ବଚନୀୟ ସେ ପହିଲି ପରଶ |

ଶରତର କାଶତଣ୍ଡୀ ବସନ୍ତର ଭରା ବଉଳ
ଯୁଇ ଯାଇ ମଲ୍ଲିକାର ଚହଟା ସୁବାସ
ରାଜନୀଗନ୍ଧାର ଭୁରୁଭୁରୁ କୋଳାହଳ
କୃଷ୍ଣଚୂଡ଼ାର ରଙ୍ଗ ସମାରୋହ
ଅନିର୍ବଚନୀୟ ସେ ପହିଲି ପରଶ |

ଚିତ୍ତଚୋରର ଅଗ୍ର ମିଳନ
କୋକିଳ କୂଜନର ଶତ ଝଙ୍କାର
ମୁଗ୍ଧ ବୀଣାର ଉତ୍ଫୁଲ୍ଲ ପ୍ରଗଲ୍ଭତା
ପିଂଛୋତତୋଳିତ  ମୟୂରୀର
ନୀଳନୀରଦକୁ ଉଚ୍ଚାଟ ଆବାହନ
ଆଦ୍ୟ ପ୍ରେମ ପତ୍ରର ଗୋପନ ଉତ୍କଣ୍ଠା
ଅନିର୍ବଚନୀୟ ସେ ପହିଲି ପରଶ |

ବିରହ ବିଧୁର ଯାତନାର କାରୁଣ୍ୟ
ଗଭୀର କ୍ଷତର ମୁହୁର୍ମୁହୁ ଯନ୍ତ୍ରଣା
ଗୁମୁରା କାନ୍ଦର ଅବାରିତ ଅଶ୍ରୁ ଧାରା
ଭିଜା ଥରିଲା ଓଠର ବ୍ୟାକୁଳ ବେଦନା
ଅନିର୍ବଚନୀୟ ସେ ପହିଲି ପରଶ |

ଛାଇ ନିଦର ଆଦ୍ୟ ପ୍ରହରରେ
ରଙ୍ଗୀନ ସ୍ୱପ୍ନ ବିଳାସର ନିକ୍ୱଣିତ ମଧୁରିମା
ସହସ୍ର ଇନ୍ଦ୍ରଧନୁର ଅନବଦ୍ୟ ଫୁଆରା
ନିରନ୍ଧ୍ର ଅନ୍ଧକାରର ଅନିନ୍ଦ୍ୟ ତରୁଣୀ
ନେଇଯାଏ ସୁଷୁପ୍ତିର ଆବେଶକୁ
ଅନିର୍ବଚନୀୟ ସେ ପହିଲି ପରଶ |

ସଂସାର ଝଡଝଞ୍ଜାରେ ଆକତାମାକତା
ମଣିଷଟି
ଖୋଜୁଥାଏ ଚେନାଏ ଖୁସିର ଲହର
ସାଧନା ଶିଖରର ଧ୍ୟାନ ଧାରଣାର ପୂର୍ଣ୍ଣତା
ପରମ ତୃପ୍ତି, ସତ୍ୟ ଶିବ ସୁନ୍ଦରର ସାରୁପ୍ୟ,
ସାଜୁଯ୍ୟ
ଅନିର୍ବଚନୀୟ ସେ ପହିଲି ପରଶ |

ନୀଡ ଫେରନ୍ତା ସମୟର ପକ୍ଷୀ
ନେଇ ଚାଲେ ଅଗଣିତ ଅନୁଭୂତିର ସ୍ପର୍ଶ
ଆଦ୍ୟ, ମଧ୍ୟ, ଶେଷ ଓ ମଧ୍ୟବର୍ତ୍ତୀ
ସୁଖର ପୁଲକ, ଦୁଃଖର ଧକ୍କା
ସ୍ମୃତି ଶୋଭାଯାତ୍ରାର କେତେ ଝଲକ
ଭୁଲା ଅଭୁଲା ସାଉଁଟା କାହାଣୀରେ
ଜୀବନ ପରିଧି ଗୁଛି ହୋଇ ଯାଏ
ଅନିର୍ବଚନୀୟ ସେ ପହିଲି ପରଶରୁ |

୨୪ ଭାଦ୍ରପଦ ଶୁକ୍ଳ ପକ୍ଷ ନବମୀ
୨୩ ସେପ୍ଟେମ୍ବର , ୨୦୨୩

# ପ୍ରତ୍ୟାବର୍ତ୍ତନ

ଶିଖଣ୍ଡ ଶତପଥୀ



ସମୟ ପଛେଇ ପଛେଇ ଚାଲିଥିଲା
ମୃତ୍ୟୁ ଠାରୁ ଜରା, ଯୌବନ ଏବଂ ଜନ୍ମ ଯାଏଁ
କୋକେଇର ଶେଷଶଯ୍ୟା ଠାରୁ
ମା' କୋଳର ଉଷ୍ମତା ଯାଏଁ
ସମୟ ପଛେଇ ପଛେଇ ଚାଲିଥିଲା

ପବନରେ ହଲିହଲି ବୋହୁଥିବା ଜୀବନ ସରିତ
ସାଗର ସଂଗମ ଠାରୁ ହିମଶିଖର ଯାଏଁ
ସାଲମନ୍ ମାଛ ପରି ପ୍ରସ୍ତର ଶଯ୍ୟା ଡେଇଁ ଡେଇଁ
ଓଲଟା ଚାଲିଥିଲା ସମୟ ସାଥିରେ
ସମ୍ପର୍କର ତୀବ୍ରତା ଭେଦି, ମଧୁର ପରିଣୟ ଯାଏଁ
ସାନିଧର ଅନ୍ତିମ ବିଛେଦ ଠାରୁ, ପ୍ରଥମ ପ୍ରଣୟର ଶିହରଣ ଯାଏଁ
ଚାଲିଥିଲା ସମୟ ପଛେଇ ପଛେଇ

ଇନ୍ଦ୍ରଧନୁର ବୁନ୍ଦା ବୁନ୍ଦା ରଂଗ ଧରି
ବର୍ଷା ଫେରୁଥିଲା ସାଗର ବୁକୁକୁ
ଦିଗନ୍ତର ପରିଧି ସେପାରୁ
ଫେରୁଥିଲା ଲୁଚିଲା ନାଆ ଟି
ଧୀବରର ଆବଦ୍ଧ ଜାଲରୁ, ଡେଉଁଥିଲେ
ଅଚକିତ ମାଛ ମାନେ ସାଗର ଗର୍ଭକୁ
ସମୟ ଚାଲିଥିଲା ପଛେଇ ପଛେଇ

ବୃଦ୍ଧାଶ୍ରମରେ ଛାଡି ଆସିଥିବା ଅନ୍ଧ ଅପରିଚିତ
ଥିଲା ଦିନେ ସ୍କନ୍ଧାରୁଢ଼ ଅଝଟ ବାଳୁତ
ଶଯ୍ୟା-ଶାୟିତ ଶୁଭ୍ରକେଶୀ ବୃଦ୍ଧ ଠାରୁ
ଶତସିଂହର ପରାକ୍ରମଧାରୀ ଯୁବକ ପର୍ଯ୍ୟନ୍ତ
ଜୀବନ ଘୋଡାଦୌଡର  ଅନ୍ତିମ ପାଦରୁ
ଟାପୁ ଫେରେଇ ଚାଲିଥିଲା ପଛେଇ ପଛେଇ
ବୟସର ଛାପରେ କୁଂଚିତ ତ୍ବଚା ଆବରଣ ଛାଡି
ମସୃଣ ଚର୍ମର ଚନ୍ଦନ ଚାଦର ଆଡକୁ
ଚାଲିଥିଲା ସମୟ ପଛେଇ ପଛେଇ

କେଉଁ ଏକ ଦୂର ଭବିଷ୍ୟତରୁ
ସୃଷ୍ଟିର ପୁନର୍ଜନ୍ମର ବିବରଣୀ ଧରି
କାଳ ଚକ୍ରର ଆବର୍ତ୍ତନରେ
ଫେରୁଥିଲା ସମୟ, ଅବର୍ତ୍ତମାନ କୁ

ଅବିଶ୍ରାନ୍ତ କ୍ଳାନ୍ତିଭରା ଆଖିପତା
ପଡିଯାଉଥିଲା ଭାରି ହୋଇ
ଅକୁହା କଥା ସବୁ ଧରି
ରଂଗ ଭରା ଅପୂର୍ଣ୍ଣ ସ୍ବପ୍ନର ମୁଣି ମେଲି
ପ୍ରାଣବାୟୁ ଫେରି ଯାଉଥିଲା
ମହାନ୍ଧକାରର କେଉଁ ଏକ ନିବୃତ୍ତ କୋଣକୁ
ସମୟ ଚାଲିଥିଲା ପଛେଇ ପଛେଇ

# ତୁମ ଅବତାର

ବବ୍ରୁ ସାମଲ



ମୁଁ ସୁଆଡେ ଯାଏ
ତୁମକୁ ଖୋଜେ
କିନ୍ତୁ ତୁମେ ସବୁ ଆଡେ ଥାଅ
ମୋତେ ଛୁଇଁବାକୁ ଅପେକ୍ଷା କରି
ତୁମ ଆଖିର  ହସରେ

ତୁମେ ସବୁବେଳେ ଛଦ୍ମବେଶରେ
ଭିନ୍ନ ଭିନ୍ନ ପୋଷାକରେ
ଶରୀରର ବିଭିନ୍ନ ରଙ୍ଗରେ

ତଥାପି
ତୁମ ପ୍ରତି ମୋର ଆକାଂକ୍ଷା  କମି ଯାଏନା
ତୁମେ ବିଷ୍ଣୁଙ୍କ ପରି ଅନେକ ଅବତାର ନିଅ
କୋମଳ, ଦୟାଳୁ ଏବଂ ଶାନ୍ତାକାର
ମୋ ମା, ଭଉଣୀ, ଝିଅ ଏବଂ ପ୍ରେମିକ ପରି
ତୁମେ ବିଷ୍ଣୁ ନୁହଁ
ଯିଏ ବିନାଶ କରିବାକୁ ଅବତାର ନିଅନ୍ତି  |



# ଛୋଟଛୋଟ ଯେତେ ସବୁ

ବିଜ୍ଞାନୀ ଦାସ

ଛୋଟଛୋଟ କଥା ମଧ୍ୟେ ଥାଏ ଗୁଢ ତତ୍ତ୍ୱ
ଛୋଟଛୋଟ ଅଣୁ  ମଧ୍ୟୁ ସୃଷ୍ଟି ଏ ଜଗତ
ଛୋଟଛୋଟ ଅନୁଭବ, ବଡ ଶିକ୍ଷା ଦିଏ
ଛୋଟଛୋଟ କାମ କ୍ଷଣକରେ ସରିଯାଏ ।

ଛୋଟରୁ ଆରମ୍ଭ ହୁଏ ସବୁ ବଡ କାମ
ଛୋଟ ପିଲା ବଡ ହୁଏ, ରଖେ କୁଳ ନାମ
ଛୋଟଛୋଟ ବର୍ଷାଧାରା ନଈ ହୋଇ ବହେ
ଛୋଟ ନେତା ବଡ ହୋଇ ଦେଶକୁ ଚଲାଏ ।

ତଥାପି କାହିଁକି ବଡ କଥା ପାଇଁ ମୋହ
ଅପହଞ୍ଚ ପଦାର୍ଥରେ ଜାଗିଉଠେ ସ୍ନେହ ।
ବଡ ଘର, ବଡ ଗାଡି, ବଡ ସନମାନ
ବଡ ପୁଞ୍ଜି, ବଡ ଶକ୍ତି, ବଡ ସିଂହାସନ ।

ବଡର ଆଶାରେ ନର ଭୁଲେ ଛୋଟ ସୁଖ
ଅବିରତ କଷ୍ଟ ସହେ, ସହେ ନାନା ଦୁଃଖ
ଶେଷେ ଯାହା ହାତେ ଆସେ, ନ ପାରଇ ଭୋଗୀ
କ୍ଳାନ୍ତ ଚିତ୍ତ, କ୍ଳାନ୍ତ ଦେହ, କରେ ମନରୋଗୀ ।

ଅପ୍ରାପ୍ତିର ଅବଶୋଷ ନିଇତି ଜଳାଏ
ହୃଦମନ, ଧୁମ୍ରାୟିତ, ଅଙ୍ଗାର ସଜାଏ
ଜଳ ସିନା ଶୋଷ ମାରେ, ମାରେ କି ମାଦକ
ତଥାପି କାହିଁକି ନର ଚାହେଁ ସେହି ସୁଖ

ଯେଉଁ ସୁଖ ଭ୍ରମ, ଖାଲି, ମାୟା, ମରୀଚିକା
ସେହି ସୁଖ, ସୁଖ ନୁହେଁ, ବଡ ପ୍ରହେଳିକା
କୁହୁକ ଜାଲରେ ଛନ୍ଦି କରେ ଛଟପଟ
ମୁକ୍ତି ପାଇଁ ଦିଶେ ନାହିଁ କେଉଁ ପଟେ ବାଟ ।

ବିଳାସ, ବ୍ୟସନ କେବେ ଦିଏନାହିଁ ସୁଖ
କ୍ଷଣିକର ସୁଖ ପରେ ଆସେ ନାନା ଦୁଃଖ
ଛୋଟ ଛୋଟ ପାଇବାରେ ସୁଖୀ ହୁଏ ଯିଏ
ତା ଜୀବନ ଚିର ଧନ୍ୟ, ସଦା ହସୁଥାଏ ।

ବନ୍ଧୁ ସହ ବିତିଥିବା ଛୋଟ ଛୋଟ କ୍ଷଣ
ଛୋଟ ଶିଶୁ ମୁହେଁ ହସ, ଔଷଧ ସେ ଜାଣ
ସେନେହର ସ୍ପର୍ଶ ଟିକେ, ମନକୁ ମଜାଏ
ମଧୁର ବଚନ କାର ହୃଦ ମୋହି ନିଏ ।

ଏମିତି ସବୁ ସଂପର୍କ, ଛୋଟଛୋଟ କ୍ଷଣ
ତା' ଭିତରେ ଲୁଚି ରହିଥାଏ ବଡ ଗୁଣ
ମନେ ଭରେ ସରସତା, କରେ ଚିତ୍ତ ଶୁଦ୍ଧି
ସଦା ଜାଗ୍ରତ ରହଇ ବିବେକ ଓ ବୁଦ୍ଧି

ଜୋଡି ରଖେ ସେହି କ୍ଷଣ ଦୃଢତା ରଜ୍ଜୁରେ
ତୁଟି ଯାଏ ଅଭିମାନ ଥିଲେ ଭାବନାରେ
ସେଇ ସବୁ ଛୋଟଛୋଟ କ୍ଷଣ ପାଇଁ ମୁହିଁ
ଝୁରୁଥାଏ ଅହରହ, ସୁଖ ପ୍ରାପ୍ତି ପାଇଁ ।

ନିଃଶ୍ୱାସ ମୋ ରୁନ୍ଧି ହୁଏ ବଡ ଗହଳିରେ
ଖୁସି ମୁଁ ଗୋଟାଏ ଛୋଟଛୋଟ ବନ୍ଧୁ ମେଳେ
ସେଥିପାଇଁ ଈଶ୍ୱରଙ୍କ ଚରଣେ ମୋ ଅଳି
ସେ ସୁଖ ମୋ ଜୀବନରେ ସଦା ଥାନ୍ତୁ ଭରି ।

# ଅଦୃଶ୍ୟ

କଲ୍ୟାଣୀ ପାଢୀ



ଅଦୃଶ୍ୟର ଦୃଶ୍ୟପଟେ ଅଙ୍କା କେତେ ଛବି
ହେ ମହାନୁଭବ ମୋ ପ୍ରାଣର ଅପୂର୍ବ ପୁଲକ ।
ଭୂଲୋକରୁ ଦ୍ୟୁଲୋକ ଯାଏଁ
ତୁମେ ତୁମ ପଟାନ୍ତର ।
"ବୁଦ୍ଧି' ର ତାତ୍ପର୍ଯ୍ୟ ନୁହେଁ
ବିବେକରେ ଶୃଙ୍ଖଳିତ ପ୍ରକୃତିର ସତ୍ତା
ତୁମେ ! ହେ ମୋର ଧ୍ୟେୟର ଆଦର୍ଶ
ମୋ ପ୍ରାଣର କେନ୍ଦ୍ର ।
ଜୀବନ ପରିଧିର ତୁମେ ପରିସୀମା
ମୋ ସ୍ଥିତିର କୋଣ ଅନୁକୋଣର
ପ୍ରତ୍ୟେକଟି ବିନ୍ଦୁ, ତୁମ ଗୁଣର ସ୍ତାବକ ।
ହେ "ନାଥ'! ଦୀନ ଅକିଞ୍ଚନ ତ୍ରାତା
ତୁମେ ପରିବ୍ୟାପ୍ତ ।
ଆକାଶ  ନୁହେଁ ତୁଳନୀୟ
ତୁମେ ସର୍ବ ବିଦ୍ୟମାନ
ଇଥର ପ୍ରଭଞ୍ଜନ ପରି, କିପରି କହିବି
ଅନ୍ତର୍ଯ୍ୟାମୀ, ସ୍ୱାମୀ ମୋର ନିବେଦନ
ମୋ ପାଇଁ କ୍ଷଣେମାତ୍ର
ଦୃଶ୍ୟମାନ ହୁଅ ।

- ୨୧/୦୬/୭୮ ରେ ଲିଖିତ
କବିତା ପୁସ୍ତକ ଅଭିଳାଷରେ ପ୍ରକାଶିତ

# ରମଣୀ ରତନ ମେଘକୁ ଚାହିଁ

## କବିସମ୍ରାଟ ଉପେନ୍ଦ୍ର ଭଞ୍ଜ

ପାଠିକା - ଅର୍ଣ୍ଣପୂର୍ଣ୍ଣା ବିଶ୍ୱାଳ

ରମଣୀ ରତନ ମେଘକୁ ଚାହିଁ
କହିବୁ ମେଘ ରେ କାନ୍ତକୁ ଯାଇ
ଏତେ ଦିନ କିମ୍ପା ବିଳମ୍ବ କଲେ
କାଲି ପରିକି କଷ୍ଟ ଦେଇଥିଲେ
କରି ମୋତେ ପର, କି ବିଚାରୁ ଥିବେ ଦିନୁଁ ଅନ୍ତର ।୧।



କଲାଣି ଘୋର ଦୁର୍ଦ୍ଦିନ ଚମକ
ନାଦ କଲେଣି କୋକିଳ ଡାହୁକ
କହିଥିଲେ ବନ୍ଧୁ ନିୟମ କରି
କେବେ ହେଁ ନ ଯିବି ପ୍ରବାସ କରି
କି ବିଚାରି ମନ, କେଉଁ ନାରୀ ସଙ୍ଗେ ବଞ୍ଚିଲେ ଦିନ ।୨।

କାମେ ବଶ କଲା କେଉଁ ଚତୁରୀ
କେ ରମଣୀ ରଖିଲା ମନ୍ତ୍ର କରି
କେହ୍ନୁ ଦଧି ଫଳ ଭୁଞ୍ଜାନ୍ତେ ବସି
ପିଣ୍ଡରୁ ପ୍ରାଣ ଯାଉଛି ଖସି
କେଉଁ ଉପାୟରେ, କାନ୍ତକୁ ଭେଟିବି ନେତ୍ର ପଥରେ ।୩।

ସତେ କି କରିବେ ହର ଗଉରୀ
ପ୍ରବାସୁ ମୋ କାନ୍ତ ଆସିବେ ଫେରି
କରିବେ ଅଙ୍କ ପଲଙ୍କେ ଶୟନ
ସତେ କି ମୋ ଦୁଃଖ ହେବ ମୋଚନ
କରି ରସକେଳି, ଭଣେ ଉପଇନ୍ଦ୍ର ଏ ରସେ ଭାଳି |4|

# ଦେହସୁହା

ବିଜ୍ଞାନୀ ଦାସ (କବିତାପାଠ - ୨/୪/୨୦୨୩)

ଦୁଃଖ ସବୁ ଦେହସୁହା ହୋଇଯିବା ପରେ
ଆଉ କିଛି ଦୁଃଖ ପାଇଁ ରହେନାହିଁ ଭୟ
କେଉଁଥିରେ କେଉଁ କଷ୍ଟ ଜାଣିଯିବା ପରେ
କଷ୍ଟ ନିମନ୍ତେ ପ୍ରସ୍ତୁତ ରହେ ଏ ହୃଦୟ ।୧।

ସାଙ୍ଗସାଥୀ ବନ୍ଧୁ ଭାବ ପୁରୁଣା ହୋଇଲେ
ନିର୍ଭୟରେ ମନ ସବୁ ଖୋଲିଦିଏ ବ୍ୟଥା
ନଥାଏ ତହିଁ ମିଥ୍ୟା, ଲୁଚାଲୁଚି ଖେଳ
ନଥାଏ ତହିଁ ବୃଥା ଔପଚାରିକତା ।୨।

ଅଗ୍ନୀ ସାକ୍ଷୀ ରଖି ସାଥେ ନେଇ ସାତ ଫେରି
ସଂସାରର ପଥେ ଚାଲିବାକୁ ସଦା ସାଥେ
ଅଙ୍ଗୀକାର, କରିଥିବା ମଣିଷକୁ କୁହ
ନିଜର ନ ଭାବି ତେବେ ଭାବିବ କେମନ୍ତେ ? ।୩।

ତଥାପି କାହିଁକି କୁହ ହୁଅଇ ଏମିତି
ଅନ୍ତରଙ୍ଗ ବନ୍ଧୁ କ୍ଷଣେ ହୁଅଇ ଅନ୍ତର
କ୍ଷଣକରେ ଭାଙ୍ଗିଯାଏ ସବୁ ଭାବ ପ୍ରୀତି
ପତି ପତ୍ନୀ ଭୁଲିଯାନ୍ତି ତାଙ୍କ ଅଙ୍ଗୀକାର ।୪।

ସତରେ ଏ ଦୁନିଆଟା ଅତ୍ୟନ୍ତ ବିସ୍ମୟ
ବୁଝି ବି ବୁଝିପାରେନି ବନ୍ଧନର ଡୋରି
କେଉଁ ମୋହ ଗ୍ରାସିନିଏ ସଂପର୍କର ସଂଜ୍ଞା
କେଉଁବା ସଂପର୍କ ମୋହ ଦିଏ ବଶ କରି ।୫।

ଏ ସଂପର୍କ, ମୋହ ସବୁ ମୋର ଦେହସୁହା
ତଥାପି ବୁଝି ହୁଏନି ସଂପର୍କର ମାୟା
କେଉଁ ମୋହ ଟାଣେ ବେଶି ହୋଇ ଓଜନିଆ
ଗୋଡ ଖସେ, ମନ ଖସେ, ହସଇ ଦୁନିଆ ।୬।

ଧନ ମୋହ, ଯଶ ମୋହ, କ୍ଷମତାର ମୋହ
ସୁସ୍ୱାଦୁ ବ୍ୟଞ୍ଜନ, ନିଶା ବିଳାସର ମୋହ
ସ୍ୱାସ୍ଥ୍ୟ ଚିନ୍ତା, ସ୍ନେହ ଚିନ୍ତା ଯାଏ ଅପସରି
ଚାରିପଟେ ମାୟାଜାଲ, ଗ୍ରାସଇ ହୃଦୟ ।୭।

ଦେହସୁହା ବୋଲି ଯାକୁ ମାନିନେଇଥିଲି
ସବୁ ସହିନେବି ବୋଲି ଥିଲା ଦମ୍ଭ ମନେ
ସହି ପାରେନାହିଁ ଆଜି ଟିକେ ସେହି ବ୍ୟଥା
ମନର ଦୂରତା ମନ ଭାଙ୍ଗିଦିଏ କ୍ଷଣେ ।୮।

ବୁଝିବି ଅବୁଝା ହୁଏ, ହୁଏ ମୋହ ଗ୍ରସ୍ତ
ପରିଣାମ ଜାଣି ମଧ, ନ ବୁଝେ ସେ କ୍ଷଣେ
ଜିହ୍ୱାର ଲାଳସା ଆଉ ମନର ଲାଳସା
ମାୟାଜାଲେ ଛଟପଟ, ବଞ୍ଚଇ ସପନେ ।୯।

ଦେହସୁହା ସବୁ, ପୁଣି ଅଟଇ ଅବୋଧ
କ୍ଷଣେକ୍ଷଣେ ଆନ ହୁଏ ସଂସାରର ରୀତି
ନିସ୍ତାର ପଥ ଅନ୍ଧାର ନ ଦିଶଇ ଦିଗ
କେବଳ ପ୍ରଭୁ ଶରଣ ଏକମାତ୍ର ଗତି ।୧୦।

- ଲିଖିତ - ଫେବୃଆରୀ ୩, ୨୦୨୩

# ଏଇ ଜୀବନେ

ଦେବାଶୀଷ ପଣ୍ଡା



ଜୀବନ ଜଗତେ ସପନ ରାଇଜେ ଥିଲି ମୁଁ ବି ବିଭୋର, ଥିଲା ମୋ ଭାବନା
ଜୀବନ ଜଗତେ ସପନ ରାଇଜେ ଥିଲି ମୁଁ ବି ବିଭୋର, ଥିଲା ମୋ ଭାବନା
ସପନ ଭାଙ୍ଗିଲା, ସତଟି ଦିଶିଲା, ସପନ ଭାଙ୍ଗିଲା, ସତଟି ଦିଶିଲା
ଜୀବନ ରାଇଜେ ପ୍ରତିଟି ମୁହୂର୍ତ୍ତେ କେତେଯେ ଯାତନା ।

ପିଲାବେଳୁ ଥିଲାଟି ଆଶା, ହେବି ମୁଁ ଚିତ୍ରଶିଳ୍ପୀ ଅବା ତବଲା ବାଦକ
ପଥର ବୋଝ ତଳେ ନଥିଲା ସମୟ, ଅବଶେଷରେ ହେଲି ମୁଁ ବୈଜ୍ଞାନିକ ।

ଆମେରିକାର ନିଶା, ଭାବନାରେ ଥିଲା ନୋବେଲ ପୁରସ୍କାର ଆଶା
ଜ୍ୟୋତ୍ସ୍ନାମୟ ଲାଗିଥିଲା ଗବେଷଣାଗାର ଆଉ ଥିଲା କଳ୍ପନାର ଅସୀମ ପରିଭାଷା ।

ବର୍ଷ ପରେ ବର୍ଷ ବିତିଲା, ଭାବନାଟା ପାଲଟିଲା ବାସ୍ତବିକତାର ଅନ୍ୱେଷ
ଚାରିକାନ୍ଥର ଗବେଷଣାଗାର ଲାଗିଲା କାରାଗାରର ଭୌତିକ ଭାଷ ।

ଜୀବନେ ଖୋଜିବୁଲେ, ବିଶ୍ରାମ ଆଉ ସନ୍ତୋଷ ମଧ୍ୟେ ଦେଇ ପରିଶ୍ରମ
ମିଳେ ତେବେ ଅର୍ଥ, ମାନ, ଯଶ, କିନ୍ତୁ ନଥାଏ ସନ୍ତୋଷ ଓ ବିରାମ ।

ପିଂପୁଡ଼ି ଓ ଭୁତାଣୁ ପରି କ୍ଷୁଦ୍ରରୁ କ୍ଷୁଦ୍ର ପ୍ରାଣୀ କରୁଅଛି ଜୀବନେ ବଞ୍ଚିବା ପାଇଁ ସଂଘର୍ଷ
ପରିସ୍ଥିତିର ସଂସ୍ପର୍ଶରେ କଠିନ ସଂଘର୍ଷ ଲାଗେ ଦେହସୁହା ଓ ଅନାୟାସ ।

ଦିନ ପରେ ଦିନ, କାର୍ଯ୍ୟ ପରେ କାର୍ଯ୍ୟ ଚାଲିଥାଏ ଏ ଜୀବନେ ଅବିଶ୍ରାନ୍ତ
ସମୟ ନଥାଏ ଦେଖିବାକୁ ଅରୁଣ ଅବା ମଗରବୀ ଦିଶୁଥାଏ ସୁଦୂର ଦିଗନ୍ତ ।

ସ୍ପନ୍ଦନରେ ପ୍ରଭୁ ଜଗନ୍ନାଥ ସ୍ମରଣ ବଞ୍ଚିବାର ଆଶା ନେଇ ଧରେ ସେ ଅୟନ
ପ୍ରତିଟି ନୂଆ ଦିନ ନେଇ ଆସେ ନୂତନ, ଅଭ୍ୟନ୍ତର ବଢ଼ିଚାଲେ ଭାବି ତଥାପି ବଞ୍ଚିଛି ଏ ଜୀବନ ।



# Awe ଓ ଆଃ

ଶିଖଣ୍ଡ ଶତପଥୀ (କବିତାପାଠ - ୨/୪/୨୦୨୩)

ବିସ୍ମୟ-ଚକିତ    ଭାବ ଉପୁଯାଏ
ଗଭୀର ସୁଖର ଭୋଗ
ନକାରାତ୍ମକତା    ଭୀଷଣ ଦୁଃଖର
ହୋଇଥାଏ ଚିର ଶ୍ରୋତ ||

ଭରି ରହିଅଛି    ଏ ଜଗତ ସାରା
ଆଶ୍ଚର୍ଯ୍ୟର ଗନ୍ତା ଘର
କୋଣେ ଅନୁକୋଣେ ପ୍ରକଟଇ କଲେ
ଅନ୍ତର୍ଚକ୍ଷୁ ନିମିଳନ ||

କୋଟିଏ ବ୍ରହ୍ମାଣ୍ଡ    ଲକ୍ଷ୍ୟଲକ୍ଷ୍ୟ ତାରା
ମାଳମାଳ ତହିଁ ଗ୍ରହ
ଆଲୁଅ-ଅନ୍ଧାର    ଅମାପ ପସରା
ଦୃଶ୍ୟ ପଦାର୍ଥ ସମୂହ ||

ଅଦୃଶ୍ୟ ପଦାର୍ଥ    ବ୍ୟାପିଅଛି ପୁଣି
କେ ପାରେ କଳି ତାହାକୁ
ଦିଶୁଛି ଯେତିକି    ଲୁଚିଛି କେତିକି
ଜଣା ସୃଷ୍ଟି କରତାଙ୍କୁ ||

ଅଗଣିତ ଗ୍ରହ    ମଧ୍ୟେ    ବିରାଜଇ
ଏ କ୍ଷୁଦ୍ର ପୃଥିବୀ ଆମ
କଣିକା ପ୍ରାୟେକ    ଅଗଣ୍ୟ ନଗଣ୍ୟ
ମରୁଭୂମି ଧୂଳି ସମ ||

ସେ କଣିକା ଧରେ    ଶଙ୍ଖଧିକ ଜୀବ
ଅକଳନୀୟ ପ୍ରଜାତି
ଅବିଲୁପ୍ତ ଜୀବୁ    ଅଟଇ ପ୍ରତ୍ୟୟ
ଆମ ଏ ମଣିଷ ଜାତି ||

ଅଜରା ଅମରା    ନିତ୍ୟ ଚିରନ୍ତନ
ଭାବଇ ସେ ମୂଢ଼ ନର
ସେ ଅମର ଗଣୁ    କେତେ ଯେ ଗଲେଣି
କରେନାହି ଆକଳନ||

ମୁ ବି ଏକ ନର    ଛାର ଅକିଞ୍ଚନ
ଧାଏ ବିସ୍ମୟ ପଶ୍ଚାତେ
ଆଶ୍ଚର୍ଯ୍ୟ କାଞ୍ଚନ    ଆଃ-ଚର୍ଯ୍ୟା କରଇ
ଦିବାନିଶି ମୂଢ଼ମତେ ||

ଫୁଲଟିଏ ହୋଇ    ରସିବି ଭାବିଲି
ବସନ୍ତ ଅଇଲା ନାହିଁ
ମହୁମାଛି ଉଡି    ଗଲା ଡେଣା ଝାଡି
ଫେରି ବି ଚାହିଲା ନାହିଁ

ଉର୍ମି ମାଳା ଧରି    ବାଙ୍କୁ ବିଭୋରିତ
ଧାଇଁଲି ସରାଗେ ପଛେ
ଲହଡି ସାଉଣ୍ଟି    ଅପସରି ଗଲା
ପଡିଲି ପ୍ରସ୍ତର ଗାତ୍ରେ

ଟୁପୁରୁ ଟାପର    ବରଷାରେ ଭିଜି
ଗାଇଲି ଜୀବନ ଗୀତ
କି ମୂଷଳ ଧାରା    ତଡିତ ଚପଳା
ମାରି କଲା କ୍ଷ୍ୟତାହତ

ଖଦ୍ୟୋତ ର ସାଥେ  ଖେଳିବି ନିଶିଥେ
ଉଡି ବୁଲି ନଭ ତଳେ
ଖଣ୍ଡାଧାର ପତ୍ର    କାଟିଲା ମୋ ପକ୍ଷ
ପଡିଗଲି ମାଟି ପରେ

ତଥାପି ଉଠିବି    ଧାଇ ଚାଲିଥିବି
ଆଶ୍ଚର୍ଯ୍ୟର ସନ୍ଧାନରେ
ନକାରାତ୍ମକତା    ପାଖ ପଶିବିନି
ଏ କ୍ଷଣିକ ଜୀବନରେ ||



# ଅଠର ବରଷ

ଡ଼ ନୃସିଂହ ଚରଣ ବିଶ୍ୱାଳ

ଆସିଥିଲି ଦୁଇ ଗଣ୍ଠିଲା ଧରି
ତେର ନଈ ସାତ ଦରିଆ ପାରି

ମନେ ଅସୁମାରୀ ସ୍ୱପନ ଭରି
ଉଚ ଶିକ୍ଷା ଲାଗି ଘରୁ ବାହାରି

ଗୃହେ ଗୁରୁଜନେ ମୁଣ୍ଡିଆ ମାରି
କହିଲି ଜଲ୍ଦି ଆସିବି ଫେରି

ସମୟ ଖେଳିଲା ଚକା ଭଉଁରୀ
ବେଗରେ ଉଡାଣ ଦେଲା ଉତାରି

ନୂଆ ରାଇଜେ ମୁଁ ନୂଆ ନାଉରି
ଥଳକୂଳ ନାହିଁ ଏଠି ମୋହରି

ରଖିବୁ କାଳିଆ ଶରଣେ ତୋର
ଅଜଣା ଅଦେଖା ଲାଗୁଛି ଡର

ସମୟ ସୁଅରେ ଶୁଖା ପତର
ବହି ବହି ଗଲା ମୋ ଦିନ ବାର

କିଛି ବର୍ଷ ଅନ୍ତେ ଦିନେ ବଜାରେ
ଦେଖିଲି ଓଡ଼ିଆ ଏଇ ଦେଶରେ

ଅଜଣା ଅଚିହ୍ନା ପରିଚୟରେ
ଉତ୍କଳୀୟ ଭାବ ଦେଖି ମୋ ଠାରେ

ନାମ ପୂର୍ବେ ଲାଗିଗଲା ଡାକ୍ତର
ବାପାଙ୍କୁ କହିଲି ମୋ ଆବିଷ୍କାର

ଦିହାତ ହୋଇଯା ବାପ ଏଥର
ସାଥିଟିଏ ଥିବ ପାଖେ ତୋହର

ସାଥିଟିଏ ଖୋଜି ଗଲି ବାହାରି
ସ୍ୱପନେ ଭେଟିଲି ସରଗ ପରୀ

ବାର୍ତ୍ତାଳାପୁ ଗଲା ମଧୁପ ଝରି
ଆଗକୁ ବଢ଼ିଲି ତା ହାତ ଧରି

ଧୀରେ ଧୀରେ ବଢି ଗଲା ସଂସାର
ସମ ଚିନ୍ତା ସମ ଭାବଶୈଳୀର

କିଛି ଆଶା ରହିଗଲା ଭିତରେ
ଆଉ କିଛି ନେଲା ନୂଆ ରାସ୍ତାରେ


ଜୀବନ ଜୀବିକା ଯନ୍ତ୍ର ମଧ୍ୟରେ
ଅତୀତ ସାଉଁଟେ ଏ ମନ ତଳେ

ଅନୁଭୂତି ଏ ଅଠର ବରଷର
ଗୀତ ମାଧ୍ୟମରେ ଭଣିଲି ସାର

# ଜଗନ୍ନାଥ : ଭକ୍ତିର ପରିକଳ୍ପନା

ଡ଼ ନୃସିଂହ ଚରଣ ବିଶ୍ୱାଳ (କବିତାପାଠ - ୨/୪/୨୦୨୩)

ସୃଷ୍ଟିର ପ୍ରାରମ୍ଭୁ  ଧରାକୁ ଆସିଲ ନୀଳାଚଳେ ବିରାଜିଲ
ଦେବତା ମେଳରେ ରହିବ ବୋଲିତ ଅଲୌକିକ ଧାମ କଲ !!



ଯୁଗ ପରେ ଯୁଗ ବିତିଗଲା ପ୍ରଭୁ ଆସିଲା କଳିର କାଳ
ମଉନ ରହିବ ବୋଲି ମହାପ୍ରଭୁ ହାତ ଗୋଡ କାଟିଦେଲ !!

ଅଲୌକିକ ଧାମ ଲୌକିକ କରିଲ ଭକତ ପ୍ରେମରେ ବାଇ
ବରଷକୁ ଥରେ ମା ଘର ଯାଅ ଭାଇ ଭଉଣୀଙ୍କୁ ନେଇ !!

ଜଗତେ ବିରଳ ଏପରି ଠାକୁର ଆନ କାହିଁ ଦେଖିନାହିଁ
ଭଉଣୀଙ୍କୁ ସଦା ସାଥିରେ ରଖିଛ ତୁମେ ଦୁଇଗୋଟି ଭାଇ !!

ସୁଭଦ୍ରାଙ୍କ ଦେହେ ବ୍ରହ୍ମାଙ୍କୁ ରଖିଲ ମହେଶ ହଳିଆ ଭାଇ
ତିନି ଗୋଟି ମୂର୍ତ୍ତି ତିନି ଦେବ ହୋଇ ବସିଛ ଜଗତ ସାଇଁ !!

ସବୁଧର୍ମ ସବୁ ରଙ୍ଗର ଭକତ ଏକତ୍ର ହୁଅନ୍ତି ଯାଇ
ସେଥିପାଇଁ ତିନି ମୂରତି ହେଇଛ ପୃଥିବୀର ରଙ୍ଗ ବହି !!

କଳା ଗୋରା ଭେଦ ନରଖିବା ପାଇଁ ତିନି ରଙ୍ଗ ତିନି ମୂର୍ତ୍ତି
ନିଜେ କଳା କୃଷ୍ଣ ଭଉଣୀ ହଳଦୀ ଭାଇକୁ ଧବଳ ମୂର୍ତ୍ତି  !!

ଶଇବ ଶାକତ ଆଉ ବଇଷ୍ଣବ କରିଛ ତୁମେ ଏକାଠି
ନିଜେ ତୁମେ ବିଷ୍ଣୁ ବଳଭଦ୍ର ରୁଦ୍ର ଭଉଣୀକୁ ଦେଲ ଶକ୍ତି !!


ଜଗନ୍ନାଥ ତୁମେ ଦକ୍ଷିଣ କାଳିକା ବଳଭଦ୍ର ସରସ୍ବତୀ
ମହାଲକ୍ଷ୍ମୀ ନିଜେ ସୁଭଦ୍ରା ହୋଇଲେ ବାଣ୍ଟିଲେ ଭାବର ପ୍ରୀତି !!

ତିନି ଦେବ ତିନି ଶକ୍ତି ବସିଅଛ ତିନୋଟି ବିଶ୍ୱାସ ଏଠି
ନେତ୍ର ଢ଼ାଳିଦେଲେ ପଲକେ ମାତ୍ରକେ ସବୁ ହୁଅନ୍ତି ଏକାଠି !!

ମୁହିଁ ଅକିଞ୍ଚନ ଜ୍ଞାନ କାହିଁ ମୋର ଗାଇବାକୁ ତୁମ କୀର୍ତ୍ତି
କ୍ଷମା କରିଦେବ ଆହେ ଦିନନାଥ ନୃସିଂହର ଏ ମିନତୀ !!

# ସ୍ୱାଭିମାନୀ ଓଡ଼ିଆ

ଆୟାନ ବିଶ୍ୱାଳ



ଓଡ଼ିଆ ଜାତିଟା  ସ୍ୱାଭିମାନୀ, ଅଶୋକ ଦେଲା ଯେ ଚେତାବନୀ
ତିଳ ତାଳ ଦେଇ ଆଗୁକୁ ବଢ଼ିଲା, ଓଡ଼ିଆ ସୈନିକ ଶିରୋମଣି !୧!

ସଂଘର୍ଷ ଚାଲିଲା ରଣଭେଦୀ, ରକ୍ତରେ ବହିଲା ଦୟା ନଦୀ
ନିର୍ଦ୍ଦୟୀ ଭାବରେ ନିହତ କରି, ବିଜୟର ଡଙ୍କା ବଜାଇଲା  !୨!

ଜିତି କରି ସିଏ ହାରିଗଲା, ଜୀବନକୁ ନିଜ ଧିକ୍ କଲା
କଳିଙ୍ଗ ବୀରର ବଳିଦାନ ଦେଖି, ଶାନ୍ତିକୁ ନିଜର ଅସ୍ତ୍ର କଲା !୩!

କଳା କାରୁକାର୍ଯ୍ୟ କୋଣାର୍କ ନିର୍ମିତ, ବାରଶହ ବଢ଼େଇ ରୁଣ୍ଡ ହେଲେ
ବାରବର୍ଷ ଶ୍ରମ ବଞ୍ଚାଇବା ପାଇଁ,  ବାରବର୍ଷର ଧରମା ବଳି ଦେଲେ !୪!

ଓଡ଼ିଆ ସାଧବ ବାଣିଜ୍ୟକୁ ଗଲା, ଦେଶ ବିଦେଶରୁ ଦ୍ରବ୍ୟ ଆଣିଲା
ବାଲିଯାତ୍ରା କାର୍ତ୍ତିକ ପୂର୍ଣ୍ଣିମା ଦିନ ମନାଇଲା  !୫!

ଆସିଲା କଳା ପାହାଡ଼, ଭାଙ୍ଗିଲା ଉତ୍କଳର ଟାଣ
ଧ୍ୱଂସକଲା କୋଣାର୍କ, ମୁକୁନ୍ଦ ଦେବଙ୍କ ହେଲା ପତନ !୬!

ଫିରଙ୍ଗୀ  ଆସିଲେ ତାଙ୍କୁ  ଦେଖି, ଓଡ଼ିଆ ପାଇକ ରକତ ତାତି
ପ୍ରଥମ ବିଦ୍ରୋହ କଲେ ଆରମ୍ଭ, ଭାଙ୍ଗି ପକାଇଲା ଅଂଗ୍ରେଜୀ ଦମ୍ଭ !୭!

ମେଘ ଛାଇ ହେଲା ଓଡିଶା ନଭ, ଭାସିଲା ଓଡିଶା ସଂସ୍କାର ତବ
ଉତ୍କଳ ଗୌରବ ଡାକିଲେ ସଭା, ଉତ୍କଳ ରାଜ୍ୟକୁ କରିବା ଏକ !୮!

ଉତ୍କଳ ସମ୍ମିଳନୀରୁ ସୁରୁଜ ଉଇଁ, ଫୁଟିଲା ଉତ୍କଳ ଭାଷାର କଇଁ
ସ୍ୱତନ୍ତ୍ର ହୋଇଲା ଆମର ରାଜ୍ୟ, ଜଗତେ ପ୍ରସିଦ୍ଧ ହେଲା ସେ ଭିନ୍ନ  !୯!

ଜଗନ୍ନାଥ ସଦା ଆମ ସାଥିରେ, କାହାକୁ ଡ଼ରୁଛ କହ ଭାଇରେ
କ୍ରୋଧ ମୋହ ମାୟା ଛାଡିକି ଆସ, କାଳିଆ ଠାରେ ରଖ ବିଶ୍ୱାସ !୧୦!

# Far Far Away

Ayan Biswal

Far far away
In a valley below the sky
Lay an enchanted forest
Where beauty met the eye

Far far away
Hidden in an enchanted forest
The trees were taken care
By all types of florists

Far far away
In a land across the sea
There lived a kingdom
Full of wealth and glee

Far far away
In a deep dark cave
There stood a monument
That was buried by waves

Far far away
In a very deep mine
Close to the center of the Earth
The sun would never shine

Far far away
In the banks of a river
That came from a mountain
Full of gold and silver

Far far away
Where the river dumped away
A swamp was created
Where the reptiles could play

Far far away
In a nearby swamp
Lay gardens of fruits
That any animal could chomp

Far far away
Inside the icy mountains
There were beautiful snow villages
With amazing ice fountains

Far far away
Where a canyon was carved
Lay a cave in the wall
Which shone with crystal shards

Far far away
Where the volcanoes erupted
Lava flowed away
And obsidian was sculpted

Far far away
An island in the clouds
There were beautiful flowers
That made people proud

Far far away
In a far away galaxy
The aliens could enjoy
Due to their immortality

# ଅନ୍ଧକାରରୁ ଆଶାର ପ୍ରଦୀପ

ଆରତୀ ରାଣୀ ବିଶ୍ୱାଳ



କୃଷ୍ଣଚୂଡ଼ା ହସେ, ବଉଳ ଯେ ବାସେ, କୋଇଲି ଯେ ଗାଏ ଗୀତ
ଦୂର ଦିଗ୍‌ବଳୟରୁ, ନୀଳ ଢେଉ ରାଶି, ମିଛ ନୁହେ ସବୁ ସତ ।
କିନ୍ତୁ? କିନ୍ତୁ ଆଜି ଜାଣେନି କାହିଁକି ବିଚଳିତ ମୋ ମନ
ଭାବନାକୁ କରେ ନଷ୍ଟ ଏବଂ ଶରୀରକୁ ଦିଏ କଷ୍ଟ ।
ବସନ୍ତ ମୁଖରେ ନାହିଁ ଆଜି ହସ , ମନ ମୋର ଅଶାନ୍ତ,
ଖୋଜିବୁଲେ ମନ ଏକ ରମ୍ୟ ପରିହାସ,
ମନ କହେ ଫେରିଯାରେ ଯାଯାବର, ନାହିଁ ଏଠି କେହି ତୋର ନିଜର ।

**କିଛି ସମୟ ପରେ**
ଚାତକ ଚାହିଁଛି ଚିତ୍ରଲେଖାର ବାଟ,
ମନ ଆଇନାରେ ଆଙ୍କି ହୋଇଯାଏ ଅତୀତ ମାନସ ପଟ,
ଅପେକ୍ଷା ବ୍ୟତୀତ ଅନ୍ୟ କିଛି ନୁହେ ଶ୍ରେଷ୍ଠ ।

**କିଛି ସମୟର ଅପେକ୍ଷା ପରେ**
କିଛି ନିଶ୍ୱାସ, କିଛି ନିଶ୍ୱାସ କିଛି ଦୀର୍ଘ ନିଶ୍ୱାସରେ ଯୁଝିଯୁଝି
ଲୁହ ଏବଂ ଲହୁରେ ବୁଡ଼ିବୁଡି ଡାକୁଛି ତୁମକୁ
କ୍ଷତାକ୍ତ, କ୍ଷତାକ୍ତ ଓ ବିଭ୍ରାନ୍ତ ହୋଇ ଝାଳ ଲାଳରେ ତିନ୍ତିତିନ୍ତି
ଯନ୍ତ୍ରଣାରେ ଛାଟିପିଟି ହୋଇ ଡାକୁଛି ତୁମକୁ
ଆଜି, ତୁମକୁ କରିବାକୁ ହେବ ବିଚାର!, ବିଚାର ହଁ ବିଚାର !
ସାକ୍ଷୀଟି ତୁମେ ମୋର ପ୍ରତିଟି କର୍ମର, ମୋ ଭକ୍ତି, ମୋ ଶକ୍ତିର, ମୋ ତୃଷ୍ଣା, ମୋ ତୃପ୍ତିର,
ମୋ ଇଷ୍ଟ, ମୋ କଷ୍ଟର, ତୁମେ ଯେ ପ୍ରଭୁ ମୋର ଜନ୍ମ ଜନ୍ମାନ୍ତର, ଯୁଗ ଯୁଗାନ୍ତର ।
ମିନତୀ କରୁଅଛି ତୁମ ପାଖେ , ତୁମେ ଯେ ମୋର ଆପଣାର, କରନାହିଁ ମତେ ନିରୁତ୍ତର,
ଘୋଟିଲାଣି ଅନ୍ଧକାର, ଥମିଲାଣି ଶ୍ୱାସ ମୋର,
ତଥାପିରେ ଶୁଣିଲି ମୁଁ ଓଁକାର, ଓଁ, ଓଁ, ଓଁ ।

ବିସ୍ମୟ ହେଲେ ବି ସତ, ଦୂର ଦିଗ୍‌ବଳୟରୁ ଦେଖାଗଲା କାହାର ସେ ଅଲିଭା ଅଭୁଲା ହସ,
ଅଭିନବ ଆଚମ୍ବିତ ଦୃଶ୍ୟ, କହିବାକୁ କିମ୍ବା ହେବ କ୍ଲେଶ, ସେ ତ ମୋ କାଳିଆ ସୁନାର ହସ ।

ପ୍ରହରୀ, ପ୍ରହରୀର କଠୋର ଆଦେଶ ହୋଇଛି କି?
ଯେ ସେ ଆଜି ମୂକ, ବଧିର ଏବଂ ବନ୍ଦୀ!
ଭ୍ରାନ୍ତ ଏ ଧାରଣା !
ସେ ଅବ୍ୟକ୍ତ ମାତ୍ର ନୁହେ ସଂଜ୍ଞାହୀନ,

ନୀରବ ମାତ୍ର ନୁହେ ବିବେକଶୂନ୍ୟ
ନିର୍ବୋଧ ନୁହଁ, ସେ ତ ଅଟେ ନିର୍ବିକାର,
ନୁହେଁଇ ସୀମିତ, ପ୍ରସାରତାର ଅକଳନ,
ସେ ତ ସଦା ଚିରନ୍ତନ
**ସେହି ନିଜ ବିଶ୍ୱ, ବିଶ୍ୱ ମଧ ସେହି, ଅନ୍ୟ ହୋଇ ତାର ଆଉ କେହି ନାହିଁ (2)**
**ମନେ ପଡିଲା ଉତ୍କଳମଣିଙ୍କ ପଂକ୍ତି**
ପ୍ରେମ ଭାବେ ଯାର ଅନ୍ତର ପୂରିତ, ସର୍ବ ପ୍ରାଣହୃଦେ ତା ହୃଦ ଅଙ୍କିତ
ସର୍ବ ଅନୁଭୂତି ସର୍ବ ଭୁତେ ତାର, ତା ଦୃଷ୍ଟିରେ ବିଶ୍ୱ ଏକ ପରିବାର ।





# କାଳିଯାଈରେ ସନ୍ଧ୍ୟା

ଉତ୍କଳମଣୀ ଗୋପବନ୍ଧୁ ଦାସ
ପାଠକ - ସୁଚିତ ରାୟ ଓ ପ୍ରଭା ରାୟ



କାତ ଧରି ଧୀରେ ନାଉରି
ନାଆ ଦେଇଛି ମେଲି,
ଉତ୍ତରା ପବନ ଆଗକୁ
ଦିଏ ତଲେଇ ଠେଲି ।

ନାଚି ନାଚି ଚାଲେ ତରଣୀ,
ନାଚେ ଶତ ତରଙ୍ଗ,
ଉଡିଆସି ଜଳେ ଭାସନ୍ତି
କାହିଁ କେତେ ବିହଙ୍ଗ ।

ହଂସ ହଂସରାଳି ଖେଳନ୍ତି
ଢେଉ-ଦୋଳିରେ ଖେଳ,
ଆସିଲାଣି ଖରା ମଉଳି,
ଛାଇଲେଉଟା ବେଳ ।

ମାଛରଙ୍କା ପକ୍ଷୀ ଉଡ଼ଇ
ଡେଣା ଝାଡି ଆକାଶେ,
ଲକ୍ଷ୍ୟ ରଖି ଜଳେ ବୁଡ଼ଇ
ମୀନ ଧରିବା ଆଶେ ।

ଚାହୁଁ ଚାହୁଁ ଯାଇ ଗଭୀର
ଜଳେ ପଡିଲା ନାଆ,
ଅକାତ ପାଣି ସେ ଗଣ୍ଡରେ
କାଳିଜାଈ ତା ନାଆଁ ।

କାତ ରଖି ନାବେ ନାଉରି
ନେଲା ଆହୁଲା କରେ,
ମାଆ କାଳିଜାଈ ସୁମରି
ମଙ୍ଗ ସଳଖି ଧରେ ।

ନୀଳ ଊର୍ମିମାଳା ଉଠଇ,
ବହେ ପବନ ଖର,
ଛିଟିକି ପଡ଼ଇ ନାଆରେ
ପାଣି ଥରକୁ ଥର ।

ନାଆ ପାଶେ ଖେଳେ ମଗର,
ବୁଡି ଛଟକେ ଉଠେ
ଖେଳେ ଶିଶୁମାର, ସାଙ୍କୁଚ
ପୁଣି ଲାଙ୍ଗୁଡ଼ ପିଟେ ।

ପାରି ହୋଇ ଗଣ୍ଡ ବିଷମ
ନାଆ ଲଗିଲା କୂଳେ,
ସୁଷମା ନିରେଖି ଉଠିଲି
ଶ୍ୟାମ ଶଇଳ-ଚୂଳେ ।

ବୁଡ଼ିଯାଉଥିଲେ ସବିତା
ଦୂର ଭାଲେରି ଶିଖେ,
ଉଡ଼ିଯାଉଥିଲେ ବିହଙ୍ଗେ
ସୁଖେ ଜଟିଆ ମୁଖେ ।

ଅସ୍ତଗାମୀ ରବି-କିରଣ
ପଡି ଚିଲିକାଜଳେ
ଦିଶଇ ପ୍ରବାଳ ବରଣ,
ଶୋଭା ବଚନ ବଳେ ।

ଚଢ଼େଇଗୁହାର ଚୂଡ଼ାକୁ
ଚାହିଁ ଉଡ଼ଇ ଏରା
ଲୋହିତ ଧବଳ ପକ୍ଷରେ
କେଡ଼େ ଦିଶଇ ତୋରା ।

ଭାଲେରି ପାହାଡ଼ ଉଢ଼ାଳେ
ଲୁଚିଗଲେଣି ରବି,
ପଶ୍ଚିମ ଆକାଶେ ଝଟକେ
ପୀତଲୋହିତ ଛବି ।

ଦିଶେ ପାରିକୁଦ ମାଲୁଦ,
ଦୂରୁଁ ଛାୟା ପରାଏ
ସନ୍ଧ୍ୟାତାରା ନଭେ ହୀରକ
ସମ କି ଶୋଭା ପାଏ ।

ଦେଖୁଛି ଚିଲିକା, ସ୍ୱପନେ
ତୋର ଅତୀତ ଶିରୀ,
ମୁହାଣୁ ତୋହର ବୋଇତ
ଯେବେ ଥିବ ବାହାରି ।

ସିନ୍ଧୁ ପାରେ ଯାଇ ଓଡ଼ିଆ
ପୁଏ କରି ବେପାର
ଆଣିଥିବେ ବହି ଦେଶକୁ
ଧନ ରତ୍ନ ଅପାର ।

ପୁଣି ଏ ମୁହାଣ ପାଶେ କି
ଗଢ଼ା ହେବ ବନ୍ଦର ?

ବିପଣିମାଳାରେ ବିଜନ
ବେଳା ହେବ ମୁଖର ?

ତୋ ଜଳେ ଶରତେ ଭାସନ୍ତି
ଯଥା ମରାଳପନ୍ତି,
ଭାସିବେ କି ସିନ୍ଧୁ ସଲିଳେ
କହ ପୋତପଙ୍କତି ?

ବିଦେଶବେପାରୁଁ ଆଣିବେ
ଦେଶେ ନାନା ବିଭବ,
ଫେରିବ କି ଶୋଭାମୟି ଗୋ,
ତୋର ଲୁପ୍ତ ଗୌରବ ?

# ଆଗୋ ଦୂତୀ ଆଜ ରାତି ଶ୍ୟାମ ପ୍ରୀତି

(ବନମାଳୀ— ରାଗ ଭୈରବୀ, ତାଳ ରୂପକ)

ପାଠିକା - ଅର୍ଣ୍ଣପୂର୍ଣ୍ଣା ବିଶ୍ୱାଳ (କବିତାପାଠ - ୨/୪/୨୦୨୩)

ଆଗୋ ଦୂତୀ ଆଜ ରାତି
ଶ୍ୟାମ ପ୍ରୀତି ନୋହିଲା ଗୋ । ଘୋଷା ।

ଶେଯ କରି ମୁଁ ସୁପାତି ଜାଳିଲି କର୍ପୂର ବତୀ
ରାତିଯାକ ଉଜାଗରେ ଦେଖ ଆସି ପାହିଲା ଗୋ । ୧ ।

କାଳିଆ ପୁରୁଷ ପ୍ରୀତି ଅବଳା ନାରୀ ଯୁବତୀ
କରତି ହେଉଛି ଛାତି ଧରତୀରେ ସହିଲା ଗୋ । ୨ ।

କରିଥିଲି ପ୍ରତିଆଶା ହରି ଫେଡ଼ିବେ ଦୁର୍ଦ୍ଦଶା
ମୋଠାରେ ଏଡ଼ିକି ଦଶା କେଉଁ ନାରୀ ବିହିଲା ଗୋ । ୩ ।

ଗୀତେ କହେ **ବନମାଳୀ** ଏ ରସରେ ଭାଳି ଭାଳି
ବାନ୍ଧିଥିଲି ଫୁଲଗଭା ବାସି ହୋଇ ରହିଲା ଗୋ । ୪ ।

